# ଦ୍ୱିତୀୟୋଧ୍ୟାୟ

# ଶ୍ଳୋକ ୧

କୃଷ୍ଣୋ॑ଽସ୍ୟାଖରେଷ୍ଠୋଽଗ୍ନୟେ॑ ତ୍ୱା  ଜୁଷ୍ଟଂ॑ ପ୍ରୋକ୍ଷା॑ମି  ବେଦି॑ରସି ବର୍ହିଷେ॑ ତ୍ୱା  ଜୁଷ୍ଟାଂ  ପ୍ରୋକ୍ଷା॑ମି ବର୍ହିର॑ସି ସ୍ରୁଗ୍ଭ୍ୟସ୍ତ୍ୱା  ଜୁଷ୍ଟଂ॑ ପ୍ରୋକ୍ଷା॑ମି ||
୨-୧||

# ଶବ୍ଦାର୍ଥ

କୃଷ୍ଣ: = ସମସ୍ତଙ୍କୁ ନିଜ ଆଡକୁ ଆକର୍ଷଣ କରୁଥିବା, ଅସି = ଅଟ, ଆଖରେଷ୍ଠ: = ସମିଧ, ଅଗ୍ନୟେ = ଅଗ୍ନି ପାଇଁ, ତ୍ୱା = ତୁମକୁ, ଜୁଷ୍ଟଂ = ତିଆର କରୁଛି, ପ୍ରୋକ୍ଷାମି = ପବିତ୍ର କରୁଛି, ବେଦି: = ଯଜ୍ଞସ୍ଥଳ, ଅସି = ଅଟୁ, ବର୍ହିଷେ = ଯଜ୍ଞ ପାଇଁ, ତ୍ୱା = ତୁମକୁ, ଜୁଷ୍ଟାଂ = ତିଆର କରୁଛି, ପ୍ରୋକ୍ଷାମି = ପବିତ୍ର କରୁଛି, ବର୍ହି: = କୁଶ, ଅସି = ଅଟ, ସ୍ରୁଗ୍ଭ୍ୟ: = ସ୍ରୁଚ କୁ ଆଦର କରୁଥିବା, ତ୍ୱା = ତୁମକୁ, ଜୁଷ୍ଟାଂ = ତିଆର କରୁଛି, ପ୍ରୋକ୍ଷାମି = ପବିତ୍ର କରୁଛି

# ଭିନ୍ନାର୍ଥ

କୃଷ୍ଣ: = ସମସ୍ତଙ୍କୁ ନିଜ ଆଡକୁ ଆକର୍ଷଣ କରୁଥିବା, ଅସି = ଅଟ, ଆ-ଖ-ରେ-ଷ୍ଠ: = ଯଜ୍ଞହିଁ ଶୁଭକର୍ମ ଅଟେ, ସୁଖ ଉତ୍ପାଦକ, ପ୍ରଶସ୍ତ କର୍ମ କାରକ ଓ ନିଜ ମର୍ଯ୍ୟଦାରେ ରଖୌପାରୁଥିବା, ଅଗ୍ନୟେ = ଅଗ୍ନି ପାଇଁ, ତ୍ୱା = ତୁମକୁ, ଜୁଷ୍ଟଂ = ଉପାସନା-ଲୀନ କୁ, ପ୍ରୋକ୍ଷାମି = ପବିତ୍ର କରୁଛି, ବେଦି: = ଜ୍ଞାନୀ, ଯଜ୍ଞସ୍ଥଳ, ଅସି = ଅଟୁ, ବର୍ହିଷେ = ଯଜ୍ଞ ପାଇଁ, ତ୍ୱା = ତୁମକୁ, ଜୁଷ୍ଟାଂ = ତିଆର କରୁଛି, ପ୍ରୋକ୍ଷାମି = ପବିତ୍ର କରୁଛି, ବର୍ହି: = ଯଜ୍ଞ, ଅସି = ଅଟ, ସ୍ରୁଗ୍ଭ୍ୟ: = ସ୍ରୁଚ କୁ ଆଦର କରୁଥିବା, ତ୍ୱା = ତୁମକୁ, ଜୁଷ୍ଟାଂ = ତିଆର କରୁଛି, ପ୍ରୋକ୍ଷାମି = ପବିତ୍ର କରୁଛି

# ଅନ୍ୱୟାର୍ଥ

କୃଷ୍ଣ: ଅସି = ତୁମେ ସମସ୍ତଙ୍କୁ ନିଜ ଆଡକୁ ଆକର୍ଷିତ କରିପାର |

ଆଖରେଷ୍ଠ: ଅଗ୍ନୟେ ତ୍ୱା ଜୁଷ୍ଟଂ ପ୍ରୋକ୍ଷାମି = ହେ ଯଜ୍ଞୀୟ ସମିଧ ! ଅଗ୍ନି ପାଇଁ ତୁମକୁ ତିଆର କରୁଛି ଓ ପବିତ୍ର କରୁଛି |

ବେଦି: ଅସି ବର୍ହିଷେ ତ୍ୱା ଜୁଷ୍ଟଂ ପ୍ରୋକ୍ଷାମି = ହେ ଯଜ୍ଞସ୍ଥଳ ! ଯଜ୍ଞ ପାଇଁ ତୁମକୁ ତିଆର କରୁଛି ଓ ପବିତ୍ର କରୁଛି |

ସ୍ରୁଗ୍ଭ୍ୟ: ବର୍ହି: ଅସି = ସ୍ରୁଚ ପ୍ରୟୋଗ ପାଇଁ ପେରଣା ଦେଉଥିବା ଆଧାର ରୂପୀ ହେ କୁଶ !, ତୁମକୁ ଆମେ ପବିତ୍ର କରୁଛୁ |

## ଭିନ୍ନାର୍ଥ

ଆ-ଖ-ରେ-ଷ: = ଯଜ୍ଞହିଁ ଶୁଭକର୍ମ ଅଟେ | ସୁଖ ଉତ୍ପାଦକ, ପ୍ରଶସ୍ତ କର୍ମ କାରକ ଓ ନିଜ ମର୍ଯ୍ୟାଦାରେ ଥିବା

କୃଷ୍ଣ: ଅସି = ତୁମେ ସମସ୍ତଙ୍କୁ ନିଜ ଆଡକୁ ଆକର୍ଷଣ କରୁଥାଅ |

ଅଗ୍ନୟେ ତ୍ୱା ଜୁଷ୍ଟଂ ପ୍ରୋକ୍ଷାମି = ଅଗ୍ନି ପାଇଁ ତୁମଭଳି ଉପାସନା-ଲୀନ କୁ ମୁଁ ପବିତ୍ର କରୁଛି |

ବେଦି: ଅସି = ତୁମେ ଜ୍ଞାନୀ (ବା ଯଜ୍ଞସ୍ଥଳ) ଅଟ |

ବର୍ହିଷେ ଜୁଷ୍ଟଂ ତ୍ୱା ପ୍ରୋକ୍ଷାମି = ଯଜ୍ଞ ପାଇଁ ତିଆର ହୋଇଥିବା ତୁମକୁ ମୁଁ ପବିତ୍ର କରୁଛି |

ବର୍ହି: ଅସି = ଯଜ୍ଞ (ବା କୁଶ) ଅଟ |

ସ୍ରୁଗ୍ଭ୍ୟ: ଜୁଷ୍ଟଂ ତ୍ୱା ପ୍ରୋକ୍ଷାମି = ସ୍ରୁଚ କୁ ଆଦର କରୁଥିବା ତୁମକୁ ପବିତ୍ର କରୁଛି |

## ଶ୍ଳୋକ ୨

ଅଦିତ୍ୟୈ ବ୍ୟୁନ୍ଦନମସି ବିଷ୍ଣୋ ସ୍ତୁପୋଽସ୍ୟୂର୍ଣମ୍ରଦସଂ ତ୍ୱା ସ୍ତୃଣାମି ସ୍ୱାସସ୍ଥାଂ ଦେବେଭ୍ୟୋ ଭୁବପତୟେ ସ୍ୱାହା ଭୁବନପତୟେ ସ୍ୱାହା ଭୂତାନାଂ ପତୟେ ସ୍ୱାହା ||୨-୨||

## ଶବ୍ଦାର୍ଥ

ଅଦିତ୍ୟୈ = (ହେ ମାନବ ! ତୁମେ) ଅଦୀନତା ଓ ଅଖଣ୍ଡତା ର ସିଦ୍ଧି ପାଇଁ, ବ୍ୟୁନ୍ଦନଂ = ଜଳସିଞ୍ଚନକାରୀ, ଅସି = ଅଟ, ବିଷ୍ଣୋ: = ସର୍ବବ୍ୟାପକ ପରମେଶ୍ୱର ବିଷ୍ଣୁଙ୍କ, ସ୍ତୁପ: = ବିଶେଷ ରଚନା, ଅସି = ଅଟ, ଊର୍ଣମ୍ରଦସଂ = ଊଲ୍ ପରି କୋମଳ ରୂପରେ, ତ୍ୱା = ତୁମକୁ, ସ୍ତୃଣାମି = ବିସ୍ତୃତ କରୁଛି, ସ୍ୱାସସ୍ଥାଂ = ମୃଦୁ ଆସନ, ଦେବେଭ୍ୟ: = ଦେବତାଙ୍କ, ଭୁବପତୟେ = ପୃଥିବୀର ପାଳକ ରାଜା ପାଇଁ, ସ୍ୱାହା = ସର୍ବସ୍ୱ ସମର୍ପିତ, ଭୁବନପତୟେ = ଭୁବନର୍ର ପାଳକ ପାଇଁ, ସ୍ୱାହା = ସର୍ବସ୍ୱ ସମର୍ପିତ, ଭୂତାନାଂ ପତୟେ = ସମସ୍ତ ପ୍ରାଣୀଙ୍କ ପାଳକ ପାଇଁ, ସ୍ୱାହା = ସର୍ବସ୍ୱ ସମର୍ପିତ

## ଅନ୍ୱୟାର୍ଥ

ଅଦିତ୍ୟୈ ବ୍ୟୁନ୍ଦନଂ ଅସି = (ହେ ମାନବ ! ତୁମେ) ଅଦୀନତା ଓ ଅଖଣ୍ଡତା ର ସିଦ୍ଧି ପାଇଁ ଜଳସିଞ୍ଚନକାରୀ ଅଟ |

ବିଷ୍ଣୋ: ସ୍ତୁପ: ଅସି = ସର୍ବବ୍ୟାପକ ପରମେଶ୍ୱର ବିଷ୍ଣୁଙ୍କ ବିଶେଷ ରଚନା ଅଟ |

ଦେବେଭ୍ୟ: ସ୍ୱାସସ୍ଥାଂ ଊର୍ଣମ୍ରଦସଂ ତ୍ୱା ସ୍ତୃଣାମି = ଦେବତାଙ୍କ ପାଇଁ ମୃଦୁ ଆସନ ତିଆରି କରିବା ଶକାସେ ଉଲ୍ ପରି କୋମଳ ରୂପରେ ତୁମକୁ ବିସ୍ତୃତ କରୁଛି |

ଭୁବପତୟେ ସ୍ୱାହା ଭୁବନପତୟେ ସ୍ୱାହା ଭୂତାନାଂ ପତୟେ ସ୍ୱାହା = ପୃଥିବୀର ପାଳକ ରାଜା ପାଇଁ, ଭୁବନର୍ର ପାଳକ ପାଇଁ ତଥା ସମସ୍ତ ପ୍ରାଣୀଙ୍କ ପାଳକ ପାଇଁ ସର୍ବସ୍ୱ ସମର୍ପିତ |

# ଶ୍ଳୋକ ୩

ଗ॒ନ୍ଧର୍ବସ୍ତ୍ୱା॑ ବି॒ଶ୍ୱାବ॑ସୁ: ପରିଦ॑ଧାତୁ ବିଶ୍ୱ॒ସ୍ୟାରି॑ଷ୍ଟୈ॒ ଯଜ॑ମାନସ୍ୟ ପରି॒ଧିର॑ସ୍ୟା॒ଗ୍ନିରି॒ଡ ଈ॑ଡି॒ତ: |

ଇନ୍ଦ୍ର॑ସ୍ୟ ବା॒ହୁର॑ସି॒ ଦକ୍ଷି॑ଣୋ॒ ବିଶ୍ୱ॒ସ୍ୟାରି॑ଷ୍ଟୈ॒ ଯଜ॑ମାନସ୍ୟ ପରି॒ଧିର॑ସ୍ୟା॒ଗ୍ନିରି॒ଡ ଈ॑ଡି॒ତ: |

ମି॒ତ୍ରାବରୁ॑ଣୌ ତ୍ୱୋତ୍ତର॒ତ: ପରି॑ଧତ୍ତାଂ ଧ୍ରୁ॒ବେଣ॒ ଧର୍ମ॑ଣା ବିଶ୍ୱ॒ସ୍ୟାରି॑ଷ୍ଟୈ॒ ଯଜ॑ମାନସ୍ୟ ପରି॒ଧିର॑ସ୍ୟା॒ଗ୍ନିରି॒ଡ ଈ॑ଡି॒ତ: ||୨-୩||

# ଶବ୍ଦାର୍ଥ

ଗନ୍ଧର୍ବ: = ଗତିର ପ୍ରେରକ ପରମେଶ୍ୱର, ତ୍ୱା = ତୁମକୁ, ବିଶ୍ୱାବସୁ: = ସମସ୍ତ ବିଶ୍ୱରେ ପରିବ୍ୟାପ୍ତ ଯେ, ପରିଦଧାତୁ = ଚତୁର୍ଦିଗରୁ ଧାରଣ କରନ୍ତୁ, ବିଶ୍ୱସ୍ୟ = ବିଶ୍ୱର, ଅରିଷ୍ଟୈ = ସୁରକ୍ଷା ପାଇଁ, ଯଜମାନସ୍ୟ = ଯଜମାନର, ପରିଧି: = ପରିଧି (ସୁରକ୍ଷା), ଅସି = ଅଟ, ଅଗ୍ନି: = ଅଗ୍ନି, ଇଡେ = ପବିତ୍ରତା ଲାଗି, ଈଡିତ: = ସ୍ତୁତି କରାଯାଏ (ପ୍ରସଂସିତ), ଇନ୍ଦ୍ରସ୍ୟ = ଇନ୍ଦ୍ରର, ବାହୁ: = ବାହୁ, ଅସି = ଅଟ, ଦକ୍ଷିଣ: = ଡାହାଣ, ବିଶ୍ୱସ୍ୟ = ବିଶ୍ୱର, ଅରିଷ୍ଟୈ = ସୁରକ୍ଷା ପାଇଁ, ଯଜମାନସ୍ୟ = ଯଜମାନର, ପରିଧି: = ପରିଧି (ସୁରକ୍ଷା), ଅସି = ଅଟ, ଅଗ୍ନି: = ଅଗ୍ନି, ଇଡେ = ପବିତ୍ରତା ଲାଗି, ଈଡିତ: = ପ୍ରସଂସିତ, ମିତ୍ରାବରୁଣୌ = ମିତ୍ର ଓ ବରୁଣ ଦେବତା, ତ୍ୱା = ତୁମର, ଉତ୍ତରତ: = ଶ୍ରେଷ୍ଠତର, ପରିଧତ୍ତାଂ = ରକ୍ଷା କରୁ, ଧ୍ରୁବେଣ = ଧ୍ରୁବ, ଧର୍ମଣା = ଧର୍ମଦ୍ୱାରା, ବିଶ୍ୱସ୍ୟ = ବିଶ୍ୱର, ଅରିଷ୍ଟୈ = ସୁରକ୍ଷା ପାଇଁ, ଯଜମାନସ୍ୟ = ଯଜମାନର, ପରିଧି: = ପରିଧି (ସୁରକ୍ଷା), ଅସି = ଅଟ, ଅଗ୍ନି: = ଅଗ୍ନି, ଇଡେ = ପବିତ୍ରତା ଲାଗି, ଈଡିତ: = ପ୍ରସଂସିତ

# ଅନ୍ୱୟାର୍ଥ

ବିଶ୍ୱସ୍ୟ ଅରିଷ୍ଟୈ = ବିଶ୍ୱର ସୁରକ୍ଷା ପାଇଁ (ଯଜ୍ଞ ଆବଶ୍ୟକ) |

ଇଡେ ଅଗ୍ନି: ଈଡିତ: = ପବିତ୍ରତା ଲାଗି ଅଗ୍ନି ର ସ୍ତୁତି କରୁଛୁ |

ଯଜମାନସ୍ୟ ପରିଧି: ଅସି = ଯଜମାନର ପରିଧି (ସୁରକ୍ଷା କବଚ) ଅଟ |

ବିଶ୍ୱାବସୁ: ଗନ୍ଧର୍ବ: ତ୍ୱା ପରିଦଧାତୁ = ସମସ୍ତ ବିଶ୍ୱରେ ପରିବ୍ୟାପ୍ତ, ଗତିର ପ୍ରେରକ ପରମେଶ୍ୱର ତୁମକୁ ଚତୁର୍ଦିଗରୁ ଧାରଣ କରନ୍ତୁ |

ବିଶ୍ୱସ୍ୟ ଅରିଷ୍ଟୈ ଇଡେ ଅଗ୍ନି: ଈଡିତ: = ବିଶ୍ୱର ସୁରକ୍ଷା ପାଇଁ ଓ ପବିତ୍ରତା ଲାଗି ଯଜ୍ଞରେ ଅଗ୍ନି ର ସ୍ତୁତି କରାଯାଏ |

ଯଜମାନସ୍ୟ ପରିଧି: ଅସି = ଯଜମାନର ସଂରକ୍ଷକ ଅଟ |

ଇନ୍ଦ୍ରସ୍ୟ ଦକ୍ଷିଣ: ବାହୁ ଅସି = ଇନ୍ଦ୍ରର ଡାହାଣ ହାତ ଅଟ |

ବିଶ୍ୱସ୍ୟ ଅରିଷ୍ଟେ ଇଡେ ଅଗ୍ନି: ଇଡିତ: = ବିଶ୍ୱର ସୁରକ୍ଷା ପାଇଁ ଓ ପବିତ୍ରତା ଲାଗି ଯଜ୍ଞରେ ଅଗ୍ନି ର ସ୍ତୁତି କରାଯାଏ |

ଯଜମାନସ୍ୟ ପରିଧି: ଅସି = ଯଜମାନର ସଂରକ୍ଷକ ଅଟ |

ମିତ୍ରାବରୁଣୌ ଧ୍ରୁବେଣ ଧର୍ମଣା ଉତ୍ତରତ: ତ୍ୱା ପରିଧତ୍ତାଂ = ମିତ୍ର ଓ ବରୁଣ ଦେବତା ନିଜର ଧ୍ରୁବ ଧର୍ମ ଓ ଶ୍ରେଷ୍ଠତର ସାଧନ ଦ୍ୱାରା ତୁମର ରକ୍ଷା କରନ୍ତୁ |

## ଶ୍ଳୋକ ୪

ବୀ॒ତିହୋ॑ତ୍ରଂ ତ୍ୱା କବେ ଦ୍ୟୁ॒ମନ୍ତ॒ó ସମି॑ଧୀମହି |

ଅଗ୍ନେ॑ ବୃ॒ହନ୍ତ॑ମଧ୍ୱ॒ରେ ||୨-୪||

## ଶବ୍ଦାର୍ଥ

ବୀତିହୋତ୍ରଂ = ସମୃଦ୍ଧି ଲାଗି, ତ୍ୱା = ତୁମକୁ, କବେ = ଜ୍ଞାନୀ, ଦ୍ୟୁମନ୍ତଂ = ଯଜ୍ଞକାରୀ, ସମିଧୀମହି = ପ୍ରଜ୍ୱଳିତ କରୁଛୁ, ଅଗ୍ନେ = ହେ ଅଗ୍ନି !, ବୃହନ୍ତଂ = ତେଜସ୍ୱୀ ଓ ମହାନ୍, ଅଧ୍ୱରେ = ହିଂସାରହିତ କର୍ମ ରେ

## ଅନ୍ୱୟାର୍ଥ

କବେ ଅଗ୍ନେ ବୀତିହୋତ୍ରଂ ଦ୍ୟୁମନ୍ତଂ ବୃହନ୍ତଂ ତ୍ୱା ଅଧ୍ୱରେ ସମିଧୀମହି = ହେ ଜ୍ଞାନୀ ଅଗ୍ନି ! ସମୃଦ୍ଧି ପାଇଁ ଯଜ୍ଞ ରତ ତେଜସ୍ୱୀ ଓ ମହାନ୍ (ତୁମକୁ) ଏହି ହିଂସାରହିତ କର୍ମ ରେ ପ୍ରଜ୍ୱଳିତ କରୁଛୁ |

## ଶ୍ଳୋକ ୫

ସ॒ମିଦ॑ସି॒  ସୂର୍ଯ୍ୟ॑ସ୍ତ୍ୱା ପୁରସ୍ତାତ୍ ପାତୁ॒  କସ୍ୟାଶ୍ଚି॒ଦ୍ଭିଶା॑ତ୍ୟୈ |

ସ॒ବି॒ତୁର୍ବା॒ହୂ ସ୍ଥ॒  ଊର୍ଣ୍ଣ॑ମ୍ରଦସଂ ତ୍ୱା ସ୍ତୃଣାମି ସ୍ୱାସ॒ସ୍ଥଂ ଦେ॒ବେଭ୍ୟ॒  ଆ ତ୍ୱା॒  ବସ॑ବୋ ରୁ॒ଦ୍ରା ଆ॑ଦି॒ତ୍ୟା: ସ॑ଦନ୍ତୁ ||୨-୫||

# ଶବ୍ଦାର୍ଥ

ସମିତ୍ = ସମିଧା, ଅସି = ଅଟ, ସୂର୍ଯ୍ୟ: = ସୂର୍ଯ୍ୟ, ତ୍ଵା = ତୁମର, ପୁରସ୍ତାତ୍ = ଅଗ୍ରଭାଗକୁ, ପାତୁ = ରକ୍ଷାକରୁ, କସ୍ୟାଶ୍ଚିତ୍ = କୌଣସି, ଅଭିଶସ୍ତ୍ୟୈ = ଅଭିଶାପ ରୁ, ସବିତୁ: = ସବିତା ର, ବାହୁ = ବାହୁ, ସ୍ଥ = ଅଟ, ଊର୍ଣମ୍ରଦସଂ = ଉଲ୍ ପରି କୋମଳ, ତ୍ଵା = ତୁମକୁ, ସ୍ତୃଣାମି = ବିସ୍ତୃତ କରୁଛି, ସ୍ୱାସସ୍ଥଂ = ଉତ୍ତମ ଆସନ ପାଇଁ, ଦେବେଭ୍ୟ = ଦେବତାଙ୍କ, ଆ = (ଉପସର୍ଗ), ତ୍ଵା = ତୁମ ଉପରେ, ବସବ: = ବସୁଗଣ, ରୁଦ୍ରା: = ରୁଦ୍ରଗଣ, ଆଦିତ୍ୟା: = ଆଦିତ୍ୟ ଗଣ, ସଦନ୍ତୁ = ଉପବେଶନ କରନ୍ତୁ

# ଅନ୍ୱୟାର୍ଥ

ସମିତ୍ ଅସି = (ହେ ଯଜ୍ଞକର୍ତା ! ତୁମେ ଯଜ୍ଞରେ ହବନ ହେଉଥିବା) ସମିଧା ଅଟ |

କସ୍ୟାଶ୍ଚିତ୍ ଅଭିଶସ୍ତ୍ୟୈ ସୂର୍ଯ୍ୟ: ତ୍ଵା ପୁରସ୍ତାତ୍ ପାତୁ = କୌଣସି ଅଭିଶାପ ରୁ ସୂର୍ଯ୍ୟ ତୁମର ଅଗ୍ରଭାଗକୁ ରକ୍ଷାକରନ୍ତୁ |

ସବିତୁ: ବାହୁ ସ୍ଥ ସବିତାଙ୍କର ବାହୁ ଅଟ |

ଦେବେଭ୍ୟ: ସ୍ୱାସସ୍ଥଂ ଊର୍ଣମ୍ରଦସଂ ତ୍ଵା ସ୍ତୃଣାମି = ଦେବତାଙ୍କ ପାଇଁ ମୃଦୁ ଆସନ ତିଆରି କରିବା ଶକାସେ ଉଲ୍ ପରି କୋମଳ ରୂପରେ ତୁମକୁ ବିସ୍ତୃତ କରୁଛି |

ବସବ: ରୁଦ୍ରା: ଆଦିତ୍ୟା: ତ୍ଵା ଆସଦନ୍ତୁ = ବସୁଗଣ, ରୁଦ୍ରଗଣ, ଆଦିତ୍ୟ ଗଣ ତୁମ ଉପରେ ଉପବେଶନ କରନ୍ତୁ |

# ଶ୍ଳୋକ ୬

ଘୃତାଚ୍ୟ॑ସି ଜୁହୂର୍ନାମ୍ନା ସେଦଂ ପ୍ରିୟେଣ ଧାମ୍ନା॑ ପ୍ରିୟ ó ସଦ ଆସୀ॑ଦ ଘୃତାଚ୍ୟ॑ସ୍ୟୁପଭୃନ୍ନାମ୍ନା ସେଦଂ ପ୍ରିୟେଣ ଧାମ୍ନା॑ ପ୍ରିୟ ó ସଦ ଆସୀ॑ଦ ଘୃତାଚ୍ୟସି ଧ୍ରୁବା ନାମ୍ନା ସେଦଂ ପ୍ରିୟେଣ ଧାମ୍ନା॑ ପ୍ରିୟ ó ସଦ ଆସୀ॑ଦ ପ୍ରିୟେଣ ଧାମ୍ନା ପ୍ରିୟ ó ସଦ ଆସୀଦ |

ଧ୍ରୁବା ଅ॑ସଦନ୍ନୃତସ୍ୟ ଯୋନୌ ତା ବି॑ଷ୍ଣୋ ପହି ପ୍ରହି ଯଜ୍ଞଂ ପ୍ରହି ଯଜ୍ଞପ॑ତିଂ ପ୍ରହି ମଂ ଯଜ୍ଞନ୍ୟମ୍ ||୨-୬||

# ଶବ୍ଦାର୍ଥ

ଘୃତାଚି = ଘୃତ ପ୍ରଦାୟକ, ଅସି = ଅଟ, ଜୁହୂ: = ଜୁହୁ, ନାମ୍ନା = ନାମକ (ତୁମ ନାମ), ସା = ସେ, ଇଦଂ = ଏହି, ପ୍ରିୟେଣ = ପ୍ରିୟ, ଧାମ୍ନା = ଧାମ (ବା ତେଜ) ସହ, ପ୍ରିୟଂ = ପ୍ରିୟ, ସଦ = ଯଜ୍ଞସଭାରେ, ଆସୀଦ = ବସ, ଘୃତାଚି = ଘୃତ ପ୍ରଦାୟକ, ଅସି = ଅଟ, ଉପଭୃତ୍ = ଉପମୃତ୍, ନାମ୍ନା = ନାମକ (ତୁମ ନାମ), ସା = ସେ, ଇଦଂ = ଏହି, ପ୍ରିୟେଣ = ପ୍ରିୟ, ଧାମ୍ନା = ଧାମ (ବା ତେଜ) ସହ, ପ୍ରିୟଂ = ପ୍ରିୟ, ସଦ = ଯଜ୍ଞସଭାରେ, ଆସୀଦ = ବସ, ଘୃତାଚି = ଘୃତ ପ୍ରଦାୟକ, ଅସି = ଅଟ, ଧୃବା = ଧୃବା, ନାମ୍ନା = ନାମକ (ତୁମ ନାମ), ସା = ସେ, ଇଦଂ = ଏହି, ପ୍ରିୟେଣ = ପ୍ରିୟ, ଧାମ୍ନା = ଧାମ (ବା ତେଜ) ସହ, ପ୍ରିୟଂ = ପ୍ରିୟ, ସଦ = ଯଜ୍ଞସଭାରେ, ଆସୀଦ = ବସ, ପ୍ରିୟେଣ = ପ୍ରିୟ, ଧାମ୍ନା = ଧାମ (ବା ତେଜ) ସହ, ପ୍ରିୟଂ = ପ୍ରିୟ, ସଦ = ଯଜ୍ଞସଭାରେ, ଆସୀଦ = ବସ, ଧ୍ରୁବା = ସ୍ଥିର, ଅସଦନ୍ = ବସିଛନ୍ତି, ଋତସ୍ୟ = ଯଜ୍ଞର,

ଯୋନୌ = ସ୍ଥାନରେ, ତା: = ତାଙ୍କର, ବିଷ୍ଣୋ = ହେ ବ୍ୟାପକ ଦେବ ! ପହି = ରକ୍ଷାକର, ପହି ଯଜ୍ଞଂ = ଯଜ୍ଞକୁ, ପହି = ରକ୍ଷାକର, ଯଜ୍ଞପତିଂ = ଯଜ୍ଞପତିଙ୍କୁ, ପହି = ରକ୍ଷାକର, ମଂ = ମୋର, ଯଜ୍ଞନ୍ୟମ୍ = ଯଜ୍ଞକର୍ତା ର

# ଅନ୍ୱୟାର୍ଥ

ଜୁହୂ: ନାମ୍ନା ଘୃତାଚି ଅସି = ତୁମ ନାମ ଜୁହୁ | ତୁମେ ଘୃତ ପ୍ରଦାୟକ ଅଟ |

ସା ପ୍ରିୟେଣ ଧାମ୍ନା ଇଦଂ ପ୍ରିୟଂ ସଦ: ଆସୀଦ = ସେ ପ୍ରିୟ ଧାମ ରେ (ବା ତେଜ ସହ) ଏହି ପ୍ରିୟ ଯଜ୍ଞସଭାରେ ବସ |

ଉପଭୃତ୍ ନାମ୍ନା ଘୃତାଚି ଅସି = ତୁମ ନାମ ଉପଭୃତ୍ | ତୁମେ ଘୃତ ପ୍ରଦାୟକ ଅଟ |

ସା ପ୍ରିୟେଣ ଧାମ୍ନା ଇଦଂ ପ୍ରିୟଂ ସଦ: ଆସୀଦ = ସେ ପ୍ରିୟ ଧାମ ରେ (ବା ତେଜ ସହ) ଏହି ପ୍ରିୟ ଯଜ୍ଞସଭାରେ ବସ |

ଧ୍ରୃବା ନାମ୍ନା ଘୃତାଚି ଅସି = ତୁମ ନାମ ଧ୍ରୃବା | ତୁମେ ଘୃତ ପ୍ରଦାୟକ ଅଟ |

ସା ପ୍ରିୟେଣ ଧାମ୍ନା ଇଦଂ ପ୍ରିୟଂ ସଦ: ଆସୀଦ = ସେ ପ୍ରିୟ ଧାମ ରେ (ବା ତେଜ ସହ) ଏହି ପ୍ରିୟ ଯଜ୍ଞସଭାରେ ବସ |

ବିଷ୍ଣୋ = ହେ ବ୍ୟାପକ ଦେବ !

ଋତସ୍ୟ ଯୋନୌ ଧ୍ରୁବା ଅସଦନ୍ = ଯଜ୍ଞର ସ୍ଥାନରେ (ଯେଉଁ ମାନେ) ସ୍ଥିର ବସିଛନ୍ତି,

ତା: ପହି = ତାଙ୍କୁ ରକ୍ଷାକର |

ଯଜ୍ଞଂ ପହି = ଯଜ୍ଞକୁ ରକ୍ଷାକର |

ଯଜ୍ଞପତିଂ ପହି = ଯଜ୍ଞପତିଙ୍କୁ ରକ୍ଷାକର |

ଯଜ୍ଞନ୍ୟମ୍ ମଂ ପହି = ଯଜ୍ଞକର୍ତା ର (ମୋର) ରକ୍ଷାକର |

# ଶ୍ଳୋକ ୭

ଅଗ୍ନେ ବାଜଜିଦ୍ୱାଜଂ ତ୍ୱା ସରିଷ୍ୟନ୍ତଂ ବାଜଜିତ ٥ ସମ୍ମାର୍ଜ୍ମି |

ନମୋ ଦେବେଭ୍ୟ: ସ୍ୱଧା ପିତୃଭ୍ୟ: ସୁୟମେ ମେ ଭୂୟାସ୍ତମ୍ ||୨-୭||

# ଶବ୍ଦାର୍ଥ

ଅଗ୍ନେ = ହେ ଅଗ୍ନି !, ବାଜଜିତ୍ = ଅନ୍ନ ପ୍ରଦାୟକ, ବାଜଂ = ଅନ୍ନ ପ୍ରତି, ତ୍ୱା = ତୁମର, ସରିଷ୍ୟନ୍ତଂ = ଯାଉଥିବା, ବାଜଜିତଂ = (ଶତ୍ରୁଙ୍କୁ ପରାସ୍ତ

କରି) ଅନ୍ନ ଜିତି ଆଣିଥିବା, ସଂ = ଭଲ ରୂପେ, ମାର୍ଜ୍ମି =ଶୋଧନ କରୁଛି, ନମ: = ନମସ୍କାର, ଦେବେଭ୍ୟ: = ଦେବତାଙ୍କୁ, ସ୍ୱଧା = (ଆମେ) ଅନ୍ନ ସମର୍ପଣ କରୁଛୁ, ପିତୃଭ୍ୟ: = ପିତୃ ମାନଙ୍କୁ, ସୁୟମେ = ସହାୟକ, ମେ = ମୋର, ଭୂୟାସ୍ତମ୍ = ହୁଅ

# ଅନ୍ବୟାର୍ଥ

ବାଜଜିତ୍ ଅଗ୍ନେ =ହେ ଅନ୍ନ ପ୍ରଦାୟକ ଅଗ୍ନି !

ବାଜଂ ସରିଷ୍ୟନ୍ତଂ ବାଜଜିତଂ ତ୍ୱା ସଂ ମାର୍ଜ୍ମି = ଅନ୍ନ ପ୍ରତି ଯାଉଥିବା (ଆକୃଷ୍ଟ ହେଉଥିବା), (ଶତ୍ରୁଙ୍କୁ ପରାସ୍ତ କରି) ଅନ୍ନ ଜିତି ଆଣିଥିବା ତୁମର ଭଲ ରୂପେ ଶୋଧନ କରୁଛି |

ଦେବେଭ୍ୟ: ନମ: = ଦେବତାଙ୍କୁ ନମସ୍କାର |

ପିତୃଭ୍ୟ: ସ୍ୱଧା = ପିତୃ ମାନଙ୍କୁ (ଆମେ) ଅନ୍ନ ସମର୍ପଣ କରୁଛୁ |

ମେ ସୁୟମେ ଭୂୟାସ୍ତମ୍ = ମୋର ସହାୟକ ହୁଅ |

# ଶ୍ଲୋକ ୮

ଅସ୍କନ୍ନମଦ୍ୟ ଦେବେଭ୍ୟ ଆଜ୍ୟ ୦ ସଂଭ୍ରିୟାସମଙ୍ଘ୍ରିଣା ବିଷ୍ଣୋ ମା ତ୍ୱାବକ୍ରମିଷଂ ବସୁମତୀମଗ୍ନେ ତେ ଛାୟାମୁପାସ୍ଥେଷଂ ବିଷ୍ଣୋ ସ୍ଥାନମସୀତ ଇନ୍ଦ୍ରୋ ବୀର୍ଯ୍ୟମକୃଣୋଦୁର୍ଧ୍ୱୋଽଧ୍ୱର ଆସ୍ଥାତ୍ ||୨-୮||

# ଶବ୍ଦାର୍ଥ

ଅସ୍କନ୍ନଂ = ପବିତ୍ର (ଯହା କେଉଁଠି ପଡି ନାହିଁ), ଅଦ୍ୟ = ଆଜି, ଦେବେଭ୍ୟ = ଦେବତାଙ୍କୁ ଅର୍ପିତ କରିବାକୁ, ଆଜ୍ୟଂ = ଘୃତ, ସଂଭ୍ରିୟାସଂ = ଆଣିଛି, ଅଙ୍ଘ୍ରିଣା = ପାଦରେ, ବିଷ୍ଣୋ = ହେ ବ୍ୟାପକ ଯଜ୍ଞପୁରୁଷ !, ମା = ନା, ଅତ୍ୱାବକ୍ରମିଷଂ = ଆକ୍ରମଣ କରିବା, ବସୁମତୀଂ = ଧନ ପ୍ରଦାୟକ, ଅଗ୍ନେ = ହେ ଅଗ୍ନି !, ତେ = ତୁମର, ଛାୟାଂ = ଛାୟାରେ, ଉପସ୍ଥେଷଂ = ରହେ, ବିଷ୍ଣୋ: = (ତୁମେ) ବିଷ୍ଣୁଙ୍କ ବା ଯଜ୍ଞ ର, ସ୍ଥାନଂ = ସ୍ଥାନ, ଅସି = ଅଟ, ଇତ: = ଏହି ସ୍ଥାନ ରୁ, ଇନ୍ଦ୍ର: = ଇନ୍ଦ୍ର, ବୀର୍ଯ୍ୟଂ = ପରାକ୍ରମ, ଅକୃଣୋତ୍ = କରିଥିଲେ, ଊର୍ଧ୍ୱ: = ଉଚ୍ଚକୋଟୀର, ଅଧ୍ୱର: = ହିଂସାରହିତ କର୍ମ, ଆସ୍ଥାତ୍ = ହୋଇଥିଲା

# ଅନ୍ବୟାର୍ଥ

ଅଦ୍ୟ ଦେବେଭ୍ୟ ଅସ୍କନ୍ନଂ ଆଜ୍ୟଂ ସଂଭ୍ରିୟାସଂ = ଆଜି ଦେବତାଙ୍କୁ ଅର୍ପିତ କରିବାକୁ ପବିତ୍ର ଘୃତ ଆଣିଛି |

ବିଷ୍ଣୋ = ହେ ବ୍ୟାପକ ଯଜ୍ଞପୁରୁଷ !

ଅଙ୍ଘ୍ରିଣା ତ୍ୱା ମା ଅବକ୍ରମିଷଂ = ପାଦରେ ତୁମକୁ ଆକ୍ରମଣ କରିବି ନାହିଁ (ଅପବିତ୍ର କରିବି ନାହିଁ) |

ଅଗ୍ନେ = ହେ ଅଗ୍ନି !

ତେ ବସୁମତୀଂ ଛାୟାଂ ଉପସ୍ଥେଷଂ = (ମୁ) ତୁମର ଧନ ପ୍ରଦାୟକ ଛାୟାରେ ରହେ |

ବିଷ୍ଣୋ: ସ୍ଥାନଂ ଅସି = (ତୁମେ) ବିଷ୍ଣୁଙ୍କ ବା ଯଜ୍ଞ ର ସ୍ଥାନ ଅଟ |

ଇତ: ଇନ୍ଦ୍ର: ବୀର୍ଯ୍ୟଂ ଅକୃଣୋତ୍ = ଏହି ସ୍ଥାନ ରୁ ଇନ୍ଦ୍ର ପରାକ୍ରମ କରିଥିଲେ |

ଅଧ୍ୱର: ଊର୍ଦ୍ଧ୍ୱ: ଆସ୍ଥାତ୍ = ହିଂସାରହିତ କର୍ମ ଉଚ୍ଚକୋଟୀର ହୋଇଥିଲା |

# ଶ୍ଲୋକ ୯

ଅଗ୍ନେ॒ ବେର୍ହୋ॒ତ୍ରଂ ବେର୍ଦୂ॒ତ୍ୟମବ॑ତା॒ଂ ତ୍ୱା ଦ୍ୟାବା॑ପୃଥି॒ବୀ ଅବ॒ ତ୍ୱଂ ଦ୍ୟାବା॑ପୃଥି॒ବୀ ସ୍ୱି॑ଷ୍ଟ॒କୃଦ୍ଦେ॒ବେଭ୍ୟ॒ ଇନଦ୍ର॒ ଆଜ୍ୟେ॑ନ ହବିଷା॑ ଭୁ॒ସ୍ୱାହା॒ ସଂ ଜ୍ୟୋତି॒ଷା ଜ୍ୟୋତି॑: ||୨-୯||

# ଶବ୍ଦାର୍ଥ

ଅଗ୍ନେ = ହେ ଅଗ୍ନି !, ବେ: = ଜାଣ, ହୋତ୍ରଂ = ହବନ ତତ୍ତ୍ୱ କୁ, ବେ: = ଜାଣ, ଦୂତ୍ୟଂ = ଦୌତ୍ୟକର୍ମ ର ତତ୍ତ୍ୱ କୁ, ଅବତାଂ = ପାଳନ କରୁ, ତ୍ୱା = ତୁମର, ଦ୍ୟାବାପୃଥିବୀ = ଦ୍ୟୁଲୋକ ଓ ପୃଥିବୀ ଲୋକ, ଅବ = ରକ୍ଷା କର, ତ୍ୱଂ = ତୁମେ, ଦ୍ୟାବାପୃଥିବୀ = ଦ୍ୟୁଲୋକ ଓ ପୃଥିବୀ ଲୋକ, ସ୍ୱିଷ୍ଟକୃତ୍ = ଉତ୍ତମ ଯଜ୍ଞ କାରୀ, ଦେବେଭ୍ୟ: = ଦେବତାଙ୍କ ପାଇଁ, ଇନ୍ଦ୍ର: = ଇନ୍ଦ୍ର, ଆଜ୍ୟେନ = ଘୃତ ଦ୍ୱାରା, ହବିଷା = ହବିରୂପ, ଭୂତ୍ = ହୋଇ ଯାଉ, ସ୍ୱାହା = ଏହା ଆମର ସମର୍ପଣ, ସଂ = ଭଲ ଭାବେ, ଜ୍ୟୋତିଷା = ତେଜ ଦ୍ୱାରା, ଜ୍ୟୋତି: = ତେଜ

# ଅନ୍ୱୟାର୍ଥ

ଅଗ୍ନେ = ହେ ଅଗ୍ନି !

ହୋତ୍ରଂ ବେ: = ହବନ ତତ୍ତ୍ୱ କୁ ଜାଣ |

ଦୂତ୍ୟଂ ବେ: = ଦୌତ୍ୟକର୍ମ ର ତତ୍ତ୍ୱ କୁ ଜାଣ |

ଦ୍ୟାବାପୃଥିବୀ ତ୍ୱା ଅବତାଂ = ଦ୍ୟୁଲୋକ ଓ ପୃଥିବୀ ଲୋକ ତୁମର ପାଳନ କରୁ |

ତ୍ୱଂ ଦ୍ୟାବାପୃଥିବୀ ଅବ = ତୁମେ ଦ୍ୟୁଲୋକ ଓ ପୃଥିବୀ ଲୋକ ର ରକ୍ଷା କର |

ଇନ୍ଦ୍ର: ହବିଷା ଆଜ୍ୟେନ ଦେବେଭ୍ୟ: ସ୍ୱିଷ୍ଟକୃତ୍ ଭୂତ୍ = ଇନ୍ଦ୍ର ହବିରୂପ ଘୃତ ଦ୍ୱାରା ଦେବତାଙ୍କ ପାଇଁ ଉତ୍ତମ ଯଜ୍ଞ କାରୀ ହୋଇ ଯାଉ |

ସ୍ୱାହା = ଏହା ଆମର ସମର୍ପଣ |

ଜ୍ୟୋତିଷା ଜ୍ୟୋତି: ସଂ = ତେଜ ସହ ତେଜ (ମିଶି) ଭଲ ଭାବେ (ବଢୁ) |

# ଶ୍ଳୋକ ୧୦

ମ॒ୟୀ॒ଦମିନ୍ଦ୍ର॑ ଇନ୍ଦ୍ରି॒ୟଂ ଦ॑ଧାତ୍ୱ॒ସ୍ମାନ୍ ରାୟୋ॑ ମ॒ଘବା॑ନ: ସଚନ୍ତାମ୍ |

ଅ॒ସ୍ମାକ॑ଠ ସ॒ନ୍ତ୍ୱା॒ଶିଷ॑: ସ॒ତ୍ୟା ନ॑: ସ॒ନ୍ତ୍ୱା॒ଶି॒ଷ ଉପ॑ହୂତା ପୃ॒ଥି॒ବୀ ମା॒ତୋପ॒ ମାଂ ପୃ॑ଥି॒ବୀ ମା॒ତା ହ୍ୱ॑ୟତାମ॒ଗ୍ନିରାଗ୍ନୀ॑ଧ୍ରା॒ସ୍ୱାହା॑ ||୨-୧୦||

# ଶବ୍ଦାର୍ଥ

ମୟି = ମୋ ଭିତରେ, ଇଦଂ = ଏହି, ଇନ୍ଦ୍ର: = (ଐଶ୍ୱର୍ଯ୍ୟବାନ ପରମେଶ୍ୱର) ଇନ୍ଦ୍ର, ଇନ୍ଦ୍ରିୟଂ = ଇନ୍ଦ୍ରିୟ ଶକ୍ତି, ଦଧାତୁ = ସ୍ଥିର ରଖନ୍ତୁ, ଅସ୍ମାନ୍ = ଆମକୁ, ରାୟ: = ସବୁ, ମଘବାନ: = ଧନ, ସଚନ୍ତାମ୍ = ପ୍ରାପ୍ତ ହେଉ, ଅସ୍ମାକଂ = ଆମର, ସନ୍ତୁ = ହେଉ, ଆଶିଷ: = ଅଭିଷ୍ଟ, ସତ୍ୟା: = ସତ୍ୟ, ନ: = ଆମର, ସନ୍ତୁ = ହେଉ, ଆଶିଷ: = ଅଭିଷ୍ଟ, ଉପହୂତା = ଉପସନା କରିଛୁ, ପୃଥିବୀ = ପୃଥିବୀର, ମାତା = ମା, ଉପ = (ଉପସର୍ଗ), ମାଂ = ମୋତେ, ପୃଥିବୀ = ମାତୃଭୂମି, ମାତା = ମା, ହ୍ୱୟତାଂ = ଅନୁମତି ପ୍ରଦାନ କରି, ଅଗ୍ନି: = ପ୍ରଦୀପ୍ତ ଜଟ:ଅରାଗ୍ନି ହୋଇ ଅନ୍ନରୂପେ ଗ୍ରହଣ କରୁ, ଆଗ୍ନୀଧ୍ରାତ୍ = ଅଗ୍ନି ପ୍ରଦୀପ୍ତ ହେବାକୁ ଯାଉଛି, ସ୍ୱାହା = ଏଥିପାଇଁ ଆମେ ସମର୍ପିତ |

# ଅନ୍ୱୟାର୍ଥ

ଇନ୍ଦ୍ର: ମୟି ଇଦଂ ଇନ୍ଦ୍ରିୟଂ ଦଧାତୁ = (ଐଶ୍ୱର୍ଯ୍ୟବାନ ପରମେଶ୍ୱର) ଇନ୍ଦ୍ର ମୋ ଭିତରେ ଏହି ଇନ୍ଦ୍ରିୟ ଶକ୍ତି ଦୃଢିଭୂତ କରନ୍ତୁ |

ରାୟ: ମଘବାନ: ଅସ୍ମାନ୍ ସଚନ୍ତାମ୍ = ସବୁ ଧନଆମକୁପ୍ରାପ୍ତ ହେଉ |

ଅସ୍ମାକଂ ଆଶିଷ: ସତ୍ୟା: ସନ୍ତୁ ନ: ଆଶିଷ: ସତ୍ୟା: ସନ୍ତୁ ସ୍ୱାହା = ଆମର ଅଭିଷ୍ଟ ଓ ଆଶୀର୍ବାଦ ସତ୍ୟ ସିଦ୍ଧ ହେଉ ଏଥିପାଇଁ ଆମେ ସମର୍ପିତ |

ମାତା ପୃଥିବୀ ଉପହୂତା = ମା ପୃଥିବୀର ଉପସନା କରୁ |

ମାତା ପୃଥିବୀ ମାଂ ଉପହ୍ୱୟତାଂ = ପୃଥିବୀ ମା ମୋତେ ଏଇ ଅନୁମତି ପ୍ରଦାନ କରୁ ଯେ

ଆଗ୍ନୀଧ୍ରାତ୍ଅଗ୍ନି: = ଯଜ୍ଞାଗ୍ନି ପ୍ରଦୀପ୍ତକର୍ତା ହୋଇଥିବାଉ ଅଗ୍ନି ସଦୃଶ ପ୍ରଦୀପ୍ତ ହୋଇ ଆମେ ସର୍ପିତ ହେଉ (ଜନହିତ ଲାଗି) |

# ଶ୍ଳୋକ ୧୧

ଉପ॑ହୂ<u>ତୋ</u> ଦ୍ୟୌ<u>ଷ୍ପି</u>ତୋ<u>ପ</u> ମାଂ ଦ୍ୟୌ<u>ଷ୍ପି</u>ତା ହ୍ୱ॑ୟତା<u>ମ</u>ଗ୍ନିରାଗ୍ନୀ॑<u>ଧ୍ରା</u>ତ୍ସ୍ୱାହା॑ |

<u>ଦେ</u>ବସ୍ୟ॑ ତ୍ୱା ସ<u>ବି</u>ତୁଃ ପ୍ର॑<u>ସ</u>ବେ ଽଶ୍ୱିନୋ॑<u>ର୍ବା</u>ହୁଭ୍ୟା॑ଂ <u>ପୁ</u>ଷ୍ଣୋ ହସ୍ତା॑ଭ୍ୟାମ୍ |

ପ୍ରତି॑ଗୃହ୍ଣା<u>ମ୍ୟ</u>ଗ୍ନେଷ୍ଟ୍ୱା<u>ସ୍ୟେନ</u> ପ୍ରାଶ୍ନା॑ମି ||୨-୧୧||

# <u>ଶବ୍ଦାର୍ଥ</u>

ଉପହୂତୋ = ମୋ ଦ୍ୱାରା ଉପାସନା କରାଯାଇଛି, ଦ୍ୟୌ: = ଦ୍ୟୁଲୋକ, ପିତା = ପାଳକ ର, ଉପ = (ଉପସର୍ଗ), ମାଂ = ମୋତେ, ଦ୍ୟୌ: = ଦ୍ୟୁଲୋକ, ପିତା = ପାଳକ ର, ହ୍ୱୟତାଂ = ଅନୁମତି ଦିଅ, ଅଗ୍ନି: = ଅଗ୍ନି (ଜଠରାଗ୍ନି), ଅଗ୍ନିଧ୍ରାତ୍ = ଯଜ୍ଞାଗ୍ନି ପ୍ରଜ୍ୱଳନ ହେତୁ, ସ୍ୱାହା = ଉତ୍ତମ ଆହୁତି ସମର୍ପିତ, ଦେବସ୍ୟ = ଦେବଙ୍କ, ତ୍ୱା = ତୁମ, ସବିତୁ: = ସଭିଙ୍କ ଉତ୍ପାଦକ (ପ୍ରେରକ), ପ୍ରସବେ = ପ୍ରେରଣାରୁ, ଅଶ୍ୱିନୋ: = ଅଶ୍ୱିନୀକୁମାରଙ୍କ, ବାହୁଭ୍ୟାଂ = ବାହୁରୁ, ପୂଷ୍ଣୋ = ପୂଷାର, ହସ୍ତାଭ୍ୟାମ୍ = ହାତରୁ, ପ୍ରତିଗୃହ୍ଣାମି = ଗ୍ରହଣ କରୁଛି, ଅଗ୍ନେ: = ଅଗ୍ନିର, ତ୍ୱା = ତୁମକୁ, ଆସ୍ୟେନ = ମୁଖରୁ, ପ୍ରାଶ୍ନାମି = ଭକ୍ଷଣ କରୁଛି

# <u>ଅନ୍ୱୟାର୍ଥ</u>

ଦ୍ୟୌ: ପିତା ଉପହୂତୋ ଦ୍ୟୌ: ପିତା ମାଂ ଉପହ୍ୱୟତାଂ = ମୋ ଦ୍ୱାରା ଦ୍ୟୁଲୋକ ପାଳକ ର ଉପାସନା କରାଯାଇଛି (ଏଥିପାଇଁ) ମୋତେ ଦ୍ୟୁଲୋକ ପାଳକ (ଅନ୍ନ ଗ୍ରହଣ ର) ଅନୁମତି ପ୍ରଦାନ କରିଛନ୍ତି |

ଅଗ୍ନିଧ୍ରାତ୍ ଅଗ୍ନି: = ଯଜ୍ଞାଗ୍ନି ପ୍ରଜ୍ୱଳନ ହେତୁ ମୋର ଜଠରାଗ୍ନି ପ୍ରଦୀପ୍ତ ହେଲା |

ସ୍ୱାହା = (ତୁମ ଲାଗି ଏହି) ଉତ୍ତମ ଆହୁତି ସମର୍ପିତ |

ସବିତୁ: ଦେବସ୍ୟ ପ୍ରସବେ = ସଭିଙ୍କ ଉତ୍ପାଦକ (ପ୍ରେରକ) ଦେବଙ୍କ ପ୍ରେରଣାରୁ,

ଅଶ୍ୱିନୋ: ବାହୁଭ୍ୟାଂ ପୂଷ୍ଣ ହସ୍ତାଭ୍ୟାଂ ତ୍ୱା ପ୍ରତିଗୃହ୍ଣାମି = ଅଶ୍ୱିନୀକୁମାରଙ୍କ ବାହୁରୁ, ପୂଷାର ହାତରୁ ତୁମକୁ ଗ୍ରହଣ କରୁଛି |

ଅଗ୍ନେ ଆସ୍ୟେନ: ତ୍ୱା ପ୍ରାଶ୍ନାମି = ଅଗ୍ନିର ମୁଖଦ୍ୱାରା ତୁମକୁ ଭକ୍ଷଣ କରୁଛି |

# <u>ଶ୍ଳୋକ ୧୨</u>

<u>ଏ</u>ତଂ ତେ ଦେବ ସବିତ<u>ର୍ଯ</u>ଜ୍ଞଂ ପ୍ରାହୁ<u>ର୍ବୃହ</u>ସ୍ପତ॑ୟେ <u>ବ୍ର</u>ହ୍ମଣେ॑ |

ତେନ॑ <u>ଯ</u>ଜ୍ଞମ<u>ବ</u> ତେନ॑ <u>ଯ</u>ଜ୍ଞପ॑<u>ତିଂ</u> ତେ<u>ନ</u> ମାମ॑ବ ||୨-୧୨||

# ଶବ୍ଦାର୍ଥ

ଏତଂ = ଏହି, ତେ = ତୁମ, ଦେବ = ଦେବତା, ସବିତ: = ହେ ବିଶ୍ୱ ପ୍ରସବିତା ସବିତା !, ଯଜ୍ଞଂ = ଯଜ୍ଞ, ପ୍ରାହୁ: = (ଲୋକେ) କୁହନ୍ତି, ବୃହସ୍ପତୟେ = ବୃହସ୍ପତି ସ୍ୱରୂପ, ବ୍ରହ୍ମଣେ = ବ୍ରହ୍ମାଙ୍କ ପାଇଁ, ତେନ = ତାହା ଦ୍ୱାରା, ଯଜ୍ଞଂ = ଯଜ୍ଞ, ଅବ = ରକ୍ଷା କର, ତେନ = ତାହା ଦ୍ୱାରା, ଯଜ୍ଞପତିଂ = ଯଜ୍ଞପତିଙ୍କୁ, ତେନ = ତାହା ଦ୍ୱାରା, ମାଂ = ମୋତେ, ଅବ = ରକ୍ଷା କର,

# ଅନ୍ୱୟାର୍ଥ

ସବିତ: ଦେବ = ହେ ବିଶ୍ୱ ପ୍ରସବିତା ସବିତା ଦେବତା !

ଏତଂ ଯଜ୍ଞଂ ତେ ବୃହସ୍ପତୟେ ବ୍ରହ୍ମଣେ ପ୍ରାହୁ: = ଏହି ଯଜ୍ଞ ତୁମ ବୃହସ୍ପତି ସ୍ୱରୂପ ବ୍ରହ୍ମାଙ୍କ ପାଇଁ (କରାଯାଏ) - ଏପରି (ଲୋକେ) କୁହନ୍ତି |

ତେନ ଯଜ୍ଞଂ ଅବ ତେନ ଯଜ୍ଞପତିଂ ଅବ ତେନ ମାଂ ଅବ = ଏଣୁ ଯଜ୍ଞ, ଯଜ୍ଞପତି ଓ ମୋତେ ରକ୍ଷା କର |

# ଶ୍ଳୋକ ୧୩

ମନୋ॑ ଜୂ॒ତିର୍ଜୁ॑ଷତା॒ମାଜ୍ୟ॑ସ୍ୟ॒ ବୃହ॒ସ୍ପତି॑ର୍ଯ॒ଜ୍ଞମି॒ମଂ ତ॑ନୋ॒ତ୍ୱରି॑ଷ୍ଟଂ ଯ॒ଜ୍ଞ ó ସମି॒ମଂ ଦ॑ଧାତୁ |

ବିଶ୍ୱେ॑ ଦେ॒ବାସ॑ ଇ॒ହ ମା॑ଦୟନ୍ତା॒ମୋ୩ମ୍ପ୍ରତି॑ଷ୍ଠ ||ଯଜୁ ୨ ୧ ୩||

# ଶବ୍ଦାର୍ଥ

ମନ: = ମନ, ଜୂତି: = ବେଗଯୁକ୍ତ, ଜୁଷତାଂ = ସେବନ କର, ଆଜ୍ୟସ୍ୟ = ଘୃତ, ବୃହସ୍ପତି: = ଜ୍ଞାନ ର ଦେବତା, ଯଜ୍ଞଂ = ଯଜ୍ଞକୁ, ଇମଂ = ଏହି, ତନୋତୁ = ବିସ୍ତାର କରନ୍ତୁ, ଅରିଷ୍ଟଂ = ହିଂସାରହିତ କରି, ଯଜ୍ଞଂ = ଯଜ୍ଞକୁ, ସଂ = ସମ୍ୟକ୍, ଇମଂ = ଏହି, ଦଧାତୁ = ଧାରଣ କରନ୍ତୁ, ବିଶ୍ୱେ = ସମସ୍ତ, ଦେବାସ: = ଦେବତା, ଇହ = ଏଠି, ମାଦୟନ୍ତାଂ = ଆନନ୍ଦିତ ହୁଅନ୍ତୁ, ଓଁ =ଏପରି ହିଁ ହେଉ, ପ୍ରତିଷ୍ଠ = ପ୍ରତିଷ୍ଠିତ ହେଉ

# ଅନ୍ୱୟାର୍ଥ

ଜୂତି:ମନ: ଆଜ୍ୟସ୍ୟ ଜୁଷତାଂ = ବେଗବାନ ମନ ଘୃତ ସେବନ କରୁ |

ବୃହସ୍ପତି: ଇମଂ ଯଜ୍ଞଂ ତନୋତୁ ଇମଂ ଯଜ୍ଞଂ ଅରିଷ୍ଟଂ ସଂ ଦଧାତୁ = ଜ୍ଞାନ ର ଦେବତା ଏହି ଯଜ୍ଞକୁ ବିସ୍ତାର କରନ୍ତୁ ତଥା ଏହି ଯଜ୍ଞକୁ ହିଂସାରହିତ କରି ସମ୍ୟକ୍ ଧାରଣ କରନ୍ତୁ |

ବିଶ୍ୱେ ଦେବାସ:ଇହ ମାଦୟନ୍ତାଂ = ସମସ୍ତ, = ଦେବତା ଏଠି ଆନନ୍ଦିତ ହୁଅନ୍ତୁ |

ଓଁ ପ୍ରତିଷ୍ଠ = ଏପରି ହିଁ ହେଉ, ପ୍ରତିଷ୍ଠିତ ହେଉ |

# ଶ୍ଳୋକ ୧୪

ଏଷା ତେ ଅଗ୍ନେ ସମିତ୍ତୟା ବର୍ଧସ୍ୱ ଚା ଚ ପ୍ୟାୟସ୍ୱ |

ବର୍ଧିଷୀମହି ଚ ବୟମା ଚ ପ୍ୟାସିଷୀମହି |

ଅଗ୍ନେ ବାଜଜିଦ୍ବାଜ ତ୍ୱା ସସୃବାó ସଂ॑ ବାଜଜିତ ó ସମ୍ମାର୍ଜ୍ମି ||୨-୧୪||

# ଶବ୍ଦାର୍ଥ

ଏଷା = ଏହି, ତେ = ତୁମ ପାଇଁ, ଅଗ୍ନେ = ହେ ଅଗ୍ନି !, ସମିତ୍ = ସମିଧ, ତୟା = ଏହାଦ୍ୱାରା, ବର୍ଧସ୍ୱ = ବଢ, ଚ = ଓ, ଆ = (ଉପସର୍ଗ), ଚ = ଓ, ପ୍ୟାୟସ୍ୱ = ସଂବର୍ଧିତ କର, ବର୍ଧିଷୀମହି = ବଢୁଁ, ଚ = ଓ, ବୟଂ = ଆମେ, ଆ = (ଉପସର୍ଗ), ଚ = ଓ, ପ୍ୟାସିଷୀମହି = ବଢାଇବୁ |

ଅଗ୍ନେ = ହେ ଅଗ୍ନି !, ବାଜଜିତ୍ = ଅନ୍ନ ପ୍ରଦାୟକ, ବାଜଂ = ଅନ୍ନ ପ୍ରତି, ତ୍ୱା = ତୁମର, ସସୃବାସଂ = ଉତ୍ପନ୍ନ କରୁଥିବା, ବାଜଜିତଂ = (ଶତ୍ରୁଙ୍କୁ ପରାସ୍ତ କରି) ଅନ୍ନ ଜିତି ଆଣିଥିବା, ସଂ = ଭଲ ରୂପେ, ମାର୍ଜ୍ମି =ଶୋଧନ କରୁଛି

# ଅନ୍ୱୟାର୍ଥ

ଅଗ୍ନେ ଏଷା ତେ ସମିତ୍ ତୟା ବର୍ଧସ୍ୱ = ହେ ଅଗ୍ନି ! ଏ ସବୁ ତୁମ ପାଇଁ ସମିଧ, ଏହାଦ୍ୱାରା (ତୁମେ) ବଢ

ଚ ଆପ୍ୟାୟସ୍ୱ ବୟଂ ବର୍ଧିଷୀମହି ଚ ଆପ୍ୟାସିଷୀମହି = ଓ ଆମକୁ ମଧ୍ୟ ସଂବର୍ଧିତ କର (ଯାହାଫଳରେ) ଆମେ ବଢୁଁ ଓ ଅନ୍ୟମାନଙ୍କୁ ବଢାଉଁ |

ବାଜଜିତ୍ ଅଗ୍ନେ =ହେ ଅନ୍ନ ପ୍ରଦାୟକ ଅଗ୍ନି !

ବାଜଂ ସସୃବାସଂ ବାଜଜିତଂ ତ୍ୱା ସଂ ମାର୍ଜ୍ମି = ଅନ୍ନ ଉତ୍ପନ୍ନ କରୁଥିବା, (ଶତ୍ରୁଙ୍କୁ ପରାସ୍ତ କରି) ଅନ୍ନ ଜିତି ଆଣିଥିବା ତୁମର ଭଲ ରୂପେ ଶୋଧନ କରୁଛି |

# ଶ୍ଳୋକ ୧୫

ଅ॒ଗ୍ନିସୋମ॑ୟୋ॒ରୁଜ୍ଜି॑ତି॒ମନୂଜ୍ଜେ॑ଷ॒ଂ ବାଜ॑ସ୍ୟ ମା ପ୍ରସ॒ବେନ॒ ପ୍ରୋହା॑ମି |

ଅଗ୍ନୀସୋମୌ ତମପ॑ନୁଦତାଂ ଯୋଽସ୍ମାନ୍ଦ୍ୱେଷ୍ଟି ଯଂ ଚ॑ ବୟଂ ଦ୍ୱିଷ୍ମୋ ବାଜ॑ସ୍ୟୈନଂ ପ୍ରସବେନାପୋ॑ହାମି |

ଇନ୍ଦ୍ରାଗ୍ନ୍ୟୋରୁଜ୍ଜି॑ତିମନୁଜ୍ଜେ॑ଷଂ ବାଜ॑ସ୍ୟ ମା ପ୍ରସବେନ ପ୍ରୋହା॑ମି |

ଇନ୍ଦ୍ରାଗ୍ନୀ ତମପ॑ନୁଦତାଂ ଯୋଽସ୍ମାନ୍ଦ୍ୱେଷ୍ଟି ଯଂ ଚ॑ ବୟଂ ଦ୍ୱିଷ୍ମୋ ବାଜ॑ସ୍ୟୈନଂ ପ୍ରସବେନାପ୍ରୋ॑ହାମି ||୨-୧୫||

# ଶବ୍ଦାର୍ଥ

ଅଗ୍ନିସୋମୟୋ: = ଅଗ୍ନି ଓ ସୋମ, ଉଜ୍ଜିତିଂ = (ଯେପରି) ବିଜୟ ପ୍ରାପ୍ତ କଲେ, ଅନୁ = (ଉପସର୍ଗ), ଉଜ୍ଜେଷଂ (ଉତ + ଜେଷଂ) = ବିଜୟ, ବାଜସ୍ୟ = ଅନ୍ନ ର, ମା = ମୋତେ, ପ୍ରସବେନ = ପ୍ରେରଣ ଦ୍ୱାରା, ପ୍ରୋହାମି = ପ୍ରେରଣା ଦେଉଛନ୍ତି, ଅଗ୍ନୀସୋମୌ = ଅଗ୍ନି ଓ ସୋମ, ତଂ = ତାହାଙ୍କୁ, ଅପନୁଦତାଂ = ଦୂର କରନ୍ତୁ, ଯ: = ଯେ, ଅସ୍ମାନ୍ = ଆମକୁ, ଦ୍ୱେଷ୍ଟି = ଦ୍ୱେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ୱିଷ୍ମ: = ଦ୍ୱେଷ କରୁ, ବାଜସ୍ୟ = ଅନ୍ନର, ଏନଂ = ଏଇ, ପ୍ରସବେନ = = ପ୍ରେରଣ ଦ୍ୱାରା, ଅପୋହାମି = ଦୂର କରୁଛି, ଇନ୍ଦ୍ରାଗ୍ନ୍ୟୋ: = ଇନ୍ଦ୍ର ଓ ଅଗ୍ନି, ଉଜ୍ଜିତିଂ = (ଯେପରି) ବିଜୟ ପ୍ରାପ୍ତ କଲେ, ଅନୁ = (ଉପସର୍ଗ), ଉଜ୍ଜେଷଂ = ବିଜୟ, ବାଜସ୍ୟ = ଅନ୍ନ ର, ମା = ମୋତେ, ପ୍ରସବେନ = ପ୍ରେରଣ ଦ୍ୱାରା, ପ୍ରୋହାମି = ପ୍ରେରଣା ଦେଉଛନ୍ତି, ଇନ୍ଦ୍ରାଗ୍ନୀ = ଇନ୍ଦ୍ର ଓ ଅଗ୍ନି, ତଂ = ତାହାଙ୍କୁ, ଅପନୁଦତାଂ = ଦୂର କରନ୍ତୁ, ଯ: = ଯେ, ଅସ୍ମାନ୍ = ଆମକୁ, ଦ୍ୱେଷ୍ଟି = ଦ୍ୱେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ୱିଷ୍ମ: = ଦ୍ୱେଷ କରୁ, ବାଜସ୍ୟ = ଅନ୍ନର, ଏନଂ = ଏଇ, ପ୍ରସବେନ = = ପ୍ରେରଣ ଦ୍ୱାରା, ଅପୋହାମି = ଦୂର କରୁଛି

# ଅନ୍ୱୟାର୍ଥ

ଅଗ୍ନିସୋମୟୋ: ଉଜ୍ଜିତିଂ ଅନୁ ଉଜ୍ଜେଷଂ = ଅଗ୍ନି ଓ ସୋମ (ଯେପରି) ବିଜୟ ପ୍ରାପ୍ତ କଲେ, (ସେହିପରି) ବିଜୟ ମୋର ବି ହେଉ |

ବାଜସ୍ୟ ପ୍ରସବେନ ମା ପ୍ରୋହାମି = ଅନ୍ନ (ର ପ୍ରେରଣ) ଦ୍ୱାରା ମୁଁ ନିଜକୁ ପ୍ରେରଣା ଦେଉଛି |

ଯ: ଅସ୍ମାନ୍ ଦ୍ୱେଷ୍ଟି ଯଂ ଚ ବୟଂ ଦ୍ୱିଷ୍ମ: = ଯେ ଆମକୁ ଦ୍ୱେଷ କରେ ଓ ଯାହାକୁ ଆମେ ଦ୍ୱେଷ କରୁ,

ତଂ ଅଗ୍ନୀସୋମୌ ଅପନୁଦତାଂ = ତାହାଙ୍କୁ ଅଗ୍ନି ଓ ସୋମ (ଆମ ଠାଉ) ଦୂର କରନ୍ତୁ |

ବାଜସ୍ୟ ପ୍ରସବେନ ଏନଂ ଅପୋହାମି = ଅନ୍ନର ପ୍ରେରଣ ଦ୍ୱାରା ଏଇ (ଶତ୍ରୁକୁ) ଦୂର କରୁଛି |

ଇନ୍ଦ୍ରାଗ୍ନ୍ୟୋ: ଉଜ୍ଜିତିଂ ଅନୁ ଉଜ୍ଜେଷଂ = ଇନ୍ଦ୍ର ଓ ଅଗ୍ନି (ଯେପରି) ବିଜୟ ପ୍ରାପ୍ତ କଲେ, (ସେହିପରି) ବିଜୟ ମୋର ବି ହେଉ |

ବାଜସ୍ୟ ପ୍ରସବେନ ମା ପ୍ରୋହାମି = ଅନ୍ନ (ର ପ୍ରେରଣ) ଦ୍ୱାରା ମୁଁ ନିଜକୁ ପ୍ରେରଣା ଦେଉଛି |

ଯ: ଅସ୍ମାନ୍ ଦ୍ୱେଷ୍ଟି ଯଂ ଚ ବୟଂ ଦ୍ୱିଷ୍ମ: = ଯେ ଆମକୁ ଦ୍ୱେଷ କରେ ଓ ଯାହାକୁ ଆମେ ଦ୍ୱେଷ କରୁ,

ତଂ ଇନ୍ଦ୍ରାଗ୍ନୀ ଅପନୁଦତାଂ = ତାହାଙ୍କୁ ଇନ୍ଦ୍ର ଓ ଅଗ୍ନି (ଆମ ଠାଉ) ଦୂର କରନ୍ତୁ |

ବାଜସ୍ୟ ପ୍ରସବେନ ଏନଂ ଅପୋହାମି = ଅନ୍ନର ପ୍ରେରଣ ଦ୍ୱାରା ଏଇ (ଶତ୍ରୁକୁ) ଦୂର କରୁଛି |

# ଶ୍ଳୋକ ୧୬

ବସୁ॑ଭ୍ୟସ୍ତ୍ୱା ରୁ॒ଦ୍ରେଭ୍ୟ॑ସ୍ତ୍ୱା ଽଽଦି॒ତ୍ୟେଭ୍ୟ॑ସ୍ତ୍ୱା ସଂଜା॑ନାଥାଂ ଦ୍ୟାବାପୃଥିବୀ ମି॒ତ୍ରାବରୁ॑ଣୌ ତ୍ୱା ବୃଷ୍ଟ୍ୟା॑ବତାମ୍ |

ବ୍ୟ॒ନ୍ତୁ ବ॒ୟୋ॒କ୍ତ ଠ ରିହା॑ଣା ମ॒ରୁ॒ତାଂ॒ ପୃଷ॑ତିର୍ଗଚ୍ଛ ବ॒ଶା ପୃଶ୍ନି॑ର୍ଭୂ॒ତ୍ୱା ଦିବ॑ଂ ଗଚ୍ଛ॒, ତତୋ॑ ନୋ॒ ବୃଷ୍ଟି॒ଂ ଆବ॑ହ | ଚ॒କ୍ଷୁଷ୍ପା ଅ॑ଗ୍ନେଽସି॒ ଚକ୍ଷୁର୍ମେ ପାହି ||୨-୧୬||

# ଶବ୍ଦାର୍ଥ

ବସୁଭ୍ୟ: = ବସୁ ପାଇଁ, ତ୍ୱା = ତୁମକୁ (ଅର୍ପଣ କରୁଛୁ), ରୁଦ୍ରେଭ୍ୟ: = ରୁଦ୍ର ପାଇଁ, ତ୍ୱା = ତୁମକୁ (ଅର୍ପଣ କରୁଛୁ), ଆଦିତ୍ୟେଭ୍ୟ: = ଆଦିତ୍ୟ ପାଇଁ, ତ୍ୱା = ତୁମକୁ (ଅର୍ପଣ କରୁଛୁ), ସଂଜାନାଥାଂ = (ତୁମେ ଦୁହେଁ) ଏହା ଜାଣି ଥାଅ, ଦ୍ୟାବାପୃଥିବୀ = ଦ୍ୟୁଲୋକ ଓ ପୃଥିବୀ ଲୋକ, ମିତ୍ରାବରୁଣୌ = ମିତ୍ର ଓ ବରୁଣ ଦେବତା, ତ୍ୱା = ତୁମକୁ, ବୃଷ୍ଟ୍ୟା = ବର୍ଷା ଠାରୁ, ଅବତାମ୍ = ରକ୍ଷାକରନ୍ତୁ, ବ୍ୟନ୍ତୁ = ଚାଲିଯାଆନ୍ତୁ, ବୟ: = ପକ୍ଷୀ, ଅକ୍ତଂ = ଓଦା, ରିହାଣା: = ଚାଟୁଥିବା, ମରୁତାଂ = ମରୁତର, ପୃଷତି: = ଗତିକୁ (ଅନୁଧାବନ କରି), ଗଚ୍ଛ = ଯାଅ, ବଶା = ବଶା, ପୃଶ୍ନି: = ଗାଇ ଦ୍ୱାରା, ଭୂତ୍ୱା = ହୋଇ, ଦିବଂ = ଦ୍ୟୁଲୋକକୁ, ଗଚ୍ଛ = ପ୍ରାପ୍ତ କର, ତତ: = ସେଠାରୁ, ନ: = ଆମପାଇଁ, ବୃଷ୍ଟିଂ = ବର୍ଷା, ଆବହ = ନେଇଆସ, ଚକ୍ଷୁଷ୍ପା = ନେତ୍ରର ରକ୍ଷକ, ଅଗ୍ନେ = ହେ ଅଗ୍ନି !, ଅସି = ଅଟ, ଚକ୍ଷୁ: = ନେତ୍ରକୁ, ମେ = ମୋର, ପାହି = ରକ୍ଷାକର

# ଅନ୍ୱୟାର୍ଥ

ଆଦିତ୍ୟେଭ୍ୟ: ତ୍ୱା = ଆଦିତ୍ୟ ପାଇଁ ତୁମକୁ (ଅର୍ପଣ କରୁଛୁ) |

ବସୁଭ୍ୟ: ତ୍ୱା = ବସୁ ପାଇଁ ତୁମକୁ (ଅର୍ପଣ କରୁଛୁ) |

ରୁଦ୍ରେଭ୍ୟ: = ରୁଦ୍ର ପାଇଁ ତୁମକୁ (ଅର୍ପଣ କରୁଛୁ) |

ଦ୍ୟାବାପୃଥିବୀ ସଂଜାନାଥାଂ = ଦ୍ୟୁଲୋକ ଓ ପୃଥିବୀ ଲୋକ (ତୁମେ ଦୁହେଁ) ଏହା ଜାଣି ଥାଅ |

ମିତ୍ରାବରୁଣୌ ବୃଷ୍ଟ୍ୟା ତ୍ୱା ଅବତାମ୍ = ମିତ୍ର ଓ ବରୁଣ ଦେବତା ବର୍ଷା ଠାରୁ ତୁମକୁ ରକ୍ଷାକରନ୍ତୁ |

ଅକ୍ତଂ ରିହାଣା: ବୟ: ବ୍ୟନ୍ତୁ = ସିକ୍ତ ସ୍ଥାନକୁ ଚାଟୁଥିବା ପକ୍ଷୀ ଚାଲିଯାଆନ୍ତୁ |

ମରୁତାଂ ପୃଷତି: ଗଚ୍ଛ = ମରୁତର ଗତିକୁ (ଅନୁଧାବନ କରି) (ତୁମେ) ଯାଅ |

ବଶା ପୃଶ୍ନି: ଭୂତ୍ୱା ଦିବଂ ଗଚ୍ଛ = ବଶା ଗାଇ ଦ୍ୱାରା ସୁନିର୍ମିତ ଦ୍ୟୁଲୋକକୁ ପ୍ରାପ୍ତ କର |

ତତ: ନ: ବୃଷ୍ଟିଂ ଆବହ = ସେଠାରୁ ଆମପାଇଁ ବର୍ଷାକୁ ନେଇ ଆସ |

ଅଗ୍ନେ ଚକ୍ଷୁଷ୍ପା ଅସି ମେ ଚକ୍ଷୁ: ପାହି = ହେ ଅଗ୍ନି ! (ତୁମେ) ନେତ୍ରର ରକ୍ଷକ ଅଟ | ମୋର ନେତ୍ରକୁ ରକ୍ଷାକର |

# ଶ୍ଲୋକ ୧୭

ଯଂ ପରିଧିଂ ପର୍ଯ୍ୟଧତ୍ଥା ଅଗ୍ନେ ଦେବ ପଣିଭିର୍ଗୁହ୍ୟମାନ: |

ତଂ ତ ଏତମନୁ ଜୋଷଂ ଭରାମ୍ୟେଷ ନେତ୍ୱଦପଚେତୟାତା ଅଗ୍ନେ: ପ୍ରିୟଂ ପାଥୋଽପୀତମ୍ ||୨-୧୭||

# ଶବ୍ଦାର୍ଥ

ଯଂ = ଯେଉଁ, ପରିଧିଂ = ପରିଧିକି, ପରି = (ଉପସର୍ଗ - ଚାରି ଦିଗରୁ) ଅଧତ୍ଥା: = ନିର୍ମିତ କରିଛ, ଅଗ୍ନେ = ହେ ଅଗ୍ନି! ଦେବ = ଦେବ, ପଣିଭି: = ପଣି ନାମକ ଅସୁର ଦ୍ୱାରା, ଗୁହ୍ୟମାନ: = ଘେରା ହେବା ଫଳରେ, ତଂ = ସେହି, ତେ = ତୁମପାଇଁ, ଏତଂ = ଏ ପ୍ରିୟ, ଅନୁ = (ଉପସର୍ଗ), ଜୋଷଂ = ପରିଧିକୁ, ଭରାମି = ଭରିଦେଉଛି, ଏଷ: = ଏହି ପରିଧି, ନ = ନା, ଇତ = ଏଠାରୁ, ଅପଚେତୟାତ୍ = ପୃଥକ୍, ଅଗ୍ନେ: = ଅଗ୍ନିର, ପ୍ରିୟଂ = ପ୍ରିୟ, ପାଥ: = ଅନ୍ନ, ଅପି = ବି, ଇତମ୍ = ପ୍ରାପ୍ତ ହେଉ

# ଅନ୍ୱୟାର୍ଥ

ଦେବ ଅଗ୍ନେ = ହେ ଅଗ୍ନି ଦେବ !

ପଣିଭି: ଗୁହ୍ୟମାନ: ଯଂ ପରିଧିଂ ପରି ଅଧତ୍ଥା: = ପଣି ନାମକ ଅସୁର ଦ୍ୱାରା ଘେରା ହେବାପରେ ଯେଉଁ ପରିଧିକୁ ଚାରି ଦିଗରୁ ନିର୍ମିତ କରିଛ

ତଂ ଏତଂ ଜୋଷଂ ତେ ଅନୁଭରାମି = ସେହି ପ୍ରିୟ ପରିଧିକୁ ତୁମପାଇଁ ଅନୁକୂଳତାରେ ଭରିଦେଉଛି |

ଏଷ: ତ୍ୱତ୍ ନ ଇତ ଅପଚେତୟାତ୍ = ଏହି ପରିଧି ତୁମଠୁ ପୃଥକ୍ ନ ହେଉ |

ଅଗ୍ନେ: ପ୍ରିୟଂ ପାଥ: ଅପି ଇତମ୍ = ଅଗ୍ନିର ପ୍ରିୟ ଅନ୍ନ ବି ତୁମକୁ ପ୍ରାପ୍ତ ହେଉ |

# ଶ୍ଲୋକ ୧୮

ସ ό ସ୍ରବଭାଗା ସ୍ଥେଷା ବୃହନ୍ତ: ପ୍ରସ୍ତରେଷ୍ଠା: ପରିଧେୟାଶ୍ଚ ଦେବା: |

ଇମାଂ ବାଚମଭି ବିଶ୍ୱେ ଗୃଣନ୍ତ ଆସଦ୍ୟାସ୍ମିନ୍ ବର୍ହିଷି ମାଦୟଧ୍ୱ ό ସ୍ୱାହା ବାଟ୍ ||୨-୧୮||

# ଶବ୍ଦାର୍ଥ

ସଂସ୍ରବ = ରସମୟ ଅନ୍ନ, ଭାଗା: = ଭାଗ, ସ୍ଥ = ଅଟ, ଇଷା = ଏହାର ସେବନ ଫଳରେ, ବୃହନ୍ତ: = ବଡ ହୁଅ, ପ୍ରସ୍ତରେଷ୍ଠା: = ପଥର ରେ ଆଶ୍ରିତ, ପରିଧେୟା: = ପରିଧି ର ଆଶ୍ରିତ, ଚ = ଓ, ଦେବା: = ଦେବତା, ଇମାଂ= ଏହି, ବାଚଂ = ଘୋଷଣାକୁ, ଅଭି = (ଉପସର୍ଗ), ବିଶ୍ୱେ = ସବୁ, ଗୃଣନ୍ତ = ସୁଣ, ଆସଦ୍ୟ = ବସି ରହି, ଅସ୍ମିନ୍ = ଏହି, ବର୍ହିଷି = ଆସନ ଉପରେ, ମାଦୟଧ୍ୱଂ = ଆନନ୍ଦିତ ହୁଅନ୍ତୁ, ସ୍ୱାହା = ସର୍ବସ୍ୱ ସମର୍ପିତ, ବାଟ୍ = ଏହି ଧ୍ୱନି

# ଅନ୍ୱୟାର୍ଥ

ବିଶ୍ୱେ ଦେବା: = ହେ ସମସ୍ତ ଦେବତା ଗଣ !

ସଂସ୍ରବ ଭାଗା: ସ୍ଥ = ରସମୟ ଅନ୍ନ (ଯହାର) ଭାଗ ସେପରି ତୁମେ ଅଟ |

ଇଷା ବୃହନ୍ତ: = ଏହାର ସେବନ ଫଳରେ (ତୁମେ) ବଡ ହୁଅ |

ପ୍ରସ୍ତରେଷ୍ଠା: ଚ ପରିଧେୟା: = ହେ ପଥର ରେ ଆଶ୍ରିତ ଓ ପରିଧି ର ଆଶ୍ରିତ (ଦେବତା ମାନେ) !

ଇମାଂ ବାଚଂ ଅଭିଗୃଣନ୍ତ = ଏହି ଘୋଷଣାକୁ ସୁଣ |

ଅସ୍ମିନ୍ ବର୍ହିଷି ଆସଦ୍ୟ ମାଦୟଧ୍ୱଂ = ଏହି ଆସନ ଉପରେ ବସି ରହି (ତୁମେ) ଆନନ୍ଦିତ ହୁଅ |

ସ୍ୱାହା ବାଟ୍ = ସର୍ବସ୍ୱ ସମର୍ପଣର ଏହି ଧ୍ୱନି |

# ଶ୍ଳୋକ ୧୯

ଘୃତାଚୀ ସ୍ଥୋ  ଧୁର୍ଯ୍ୟୌ॑ ପାତ ó ସୁମ୍ନେ ସ୍ଥ: ସୁମ୍ନେ ମା॑ ଧତ୍ତମ୍ |

ଯଜ୍ଞ  ନମ॑ଶ୍ଚ ତ  ଉପ॑ ଚ ଯଜ୍ଞସ୍ୟ॑ ଶିବେ ସଂତି॑ଷ୍ଠସ୍ୱ  ସ୍ୱିଷ୍ଟେ ମେ  ସଂତି॑ଷ୍ଠସ୍ୱ ||୨-୧୯||

# ଶବ୍ଦାର୍ଥ

ଘୃତାଚୀ = ଘୃତ ଯୁକ୍ତ, ସ୍ଥ: = ଅଟ, ଧୁର୍ଯ୍ୟୌ = ଶକଟବାହକ, ପାତଂ = ରକ୍ଷାକର, ସୁମ୍ନେ = ସୁଖରେ, ସ୍ଥ: = ଥାଅ, ସୁମ୍ନେ = ସୁଖରେ, ମା = ମୋତେ, ଧତ୍ତମ୍ = ରଖ, ଯଜ୍ଞ = ହେ ଯଜ୍ଞ, ନମ: = ନମସ୍କାର, ଚ = ଓ, ତେ = ତୁମକୁ, ଉପ = (ଉପସର୍ଗ) ଚ = ଓ, ଯଜ୍ଞସ୍ୟ = ଯଜ୍ଞର, ଶିବେ = ମଙ୍ଗଳ, ସଂ = ଉତ୍ତମ, ତିଷ୍ଠସ୍ୱ = ରୁହ, ସ୍ୱିଷ୍ଟେ = (ସୁ + ଇଷ୍ଟେ) ଉତ୍ତମ ଇଷ୍ଟ, ମେ = ମୋର, ସଂ = ଭଲଭାବେ, ତିଷ୍ଠସ୍ୱ = ରୁହ

# ଅନ୍ୱୟାର୍ଥ

ଘୃତାଚୀ ସ୍ଥ: = (ତୁମେ - ଜୁହୁ ତଥା ଉପଭୃତ୍) ଘୃତ ପୂର୍ଣ୍ଣ ହୁଅ |

ଧୁର୍ଯ୍ୟୌ ପାତଂ = ହେ ଶକଟବାହକ ! (ତୁମେ ଅଖରେ ନିଯୁକ୍ତ ଜୁହୁ ଓ ଉପଭୃତ୍ - ଘୃତଯୁକ୍ତ) ଲୋକଙ୍କୁ ରକ୍ଷାକର |

ସୁମ୍ନେ ସ୍ଥ: ସୁମ୍ନେ ମା ଧତ୍ତମ୍ = (ତୁମେ) ସୁଖରେ ଥାଅ, ଏଣୁ ମୋତେସୁଖରେ ରଖ |

ଯଜ୍ଞ ଉପ ଚ ତେ ନମ: = ହେ ଯଜ୍ଞ, =ଏହି ଅନ୍ନ ତୁମ ନିକଟକୁ ଅଣା ଯୈଛି |

ଯଜ୍ଞସ୍ୟ ସଂ ଶିବେ ତିଷ୍ଠସ୍ୱ = ଯଜ୍ଞର ର ମଙ୍ଗଳ ପାଇଁ (ତୁମେ) ରୁହ |

ମେ ସ୍ୱିଷ୍ଟେ ସଂ ତିଷ୍ଠସ୍ୱ = ମୋର ଉତ୍ତମ ଇଷ୍ଟ ରୂପେ ତୁମେ ଥାଅ |

# ଶ୍ଳୋକ ୨୦

ଅଗ୍ନେ॑ଽଦବ୍ଧାୟୋଽଶୀତମ ପାହି ମା॑ ଦିଦ୍ୟୋ: ପାହି ପ୍ରସି॑ତ୍ୟୈ ପାହି ଦୁରି॑ଷ୍ଟ୍ୟୈ ପାହି ଦୁର॑ଦ୍ମନ୍ୟା ଅ॑ବିଷଂ ନ॑: ପିତୁଂ କୃ॑ଣୁ ସୁଷଦା ଯୋନୌ ସ୍ୱାହା ବାଡଗ୍ନୟେ॑ ସଂବେଶପ॑ତୟେ ସ୍ୱାହା ସର॑ସ୍ୱତ୍ୟୈ ଯଶୋଭଗିନ୍ୟୈ ସ୍ୱାହା॑ ||୨-୨୦||

# ଶବ୍ଦାର୍ଥ

ଅଗ୍ନେ = ହେ ଅଗ୍ନି !, ଅଦବ୍ଧାୟୋ = ତେଜସ୍ୱୀ-ଆୟୁ ଦାୟକ, ଅଶୀତମ = ହେ ବହୁଭକ୍ଷୀ !, ପାହି = ରକ୍ଷା କର, ମା = ମୋତେ, ଦିଦ୍ୟୋ: = ଶସ୍ତ୍ର ଠାଉ, ପାହି = ରକ୍ଷା କର, ପ୍ରସିତ୍ୟୈ = ଜାଲ ଠାଉ, ପାହି = ରକ୍ଷା କର, ଦୁରିଷ୍ଟ୍ୟୈ = ବିନାଶ ଠାଉ, ପାହି = ରକ୍ଷା କର, ଦୁରଦ୍ମନ୍ୟା = ଦୂଷିତ ଅନ୍ନ ଭୋଜନ, ଅବିଷଂ = ବିଷ ରହିତ, ନ: = ଆମର, ପିତୁଂ = ଅନ୍ନ, କୃଣୁ = କର, ସୁଷଦା = ସୁଖରେ, ଯୋନୌ = ନିଜ ଘରେ ରହୁଁ, ସ୍ୱାହା = ଏପରି ହିଁ କର, ବାଟ୍ = ଏହା ମୋର ପ୍ରାର୍ଥନା, ଅଗ୍ନୟେ = ଅଗ୍ନି ପାଇଁ, ସଂବେଶପତୟେ = ସମୀପବର୍ତି ସ୍ଥାନ ର ପାଳକ, ସ୍ୱାହା = ଏହା ସମର୍ପିତ, ସରସ୍ୱତ୍ୟୈ = ସରସ୍ୱତୀ ପାଇଁ, ଯଶୋଭଗିନ୍ୟୈ = ଯଶର ଭଉଣୀ, ସ୍ୱାହା = ଏହା ସମର୍ପିତ

# ଅନ୍ୱୟାର୍ଥ

ଅଦବ୍ଧାୟୋ ଅଶୀତମ ଅଗ୍ନେ = ହେ ତେଜସ୍ୱୀ-ଆୟୁ ଦାୟକ ! ହେ ବହୁଭକ୍ଷୀ ! ହେ ଅଗ୍ନି !

ଦିଦ୍ୟୋ: ମା ପାହି = ଶସ୍ତ୍ର ଠାଉ ମୋତେ ରକ୍ଷା କର |

ପ୍ରସିତ୍ୟୈ ପାହି = ଜାଲ ଠାଉ ରକ୍ଷା କର |

ଦୁରିଷ୍ଟ୍ୟୈ ପାହି = ବିନାଶ ଠାଉ ରକ୍ଷା କର |

ଦୁରଦ୍ମନ୍ୟା ପାହି = ଦୂଷିତ ଅନ୍ନ ଭୋଜନ ଠାରୁ ରକ୍ଷା କର |

ନ: ପିତୁଂ ଅବିଷଂ କୃଣୁ = ଆମର ଅନ୍ନ ବିଷ ରହିତ କର |

ସୁଷଦା ଯୋନୌ ସ୍ୱାହା ବାଟ୍ = ସୁଖରେ ନିଜ ଘରେ ରହୁଁ, ଏପରି ହିଁ କର, ଏହା ମୋର ପ୍ରାର୍ଥାନା |

ସଂବେଶପତୟେ ଅଗ୍ନୟେ ସ୍ୱାହା = ସମୀପବର୍ତି ସ୍ଥାନ ର ପାଳକ ଅଗ୍ନି ପାଇଁ ଏହା ସମର୍ପିତ |

ଯଶୋଭଗିନ୍ୟୈ ସରସ୍ୱତ୍ୟୈ ସ୍ୱାହା = ଯଶର ଭଉଣୀ ସରସ୍ୱତୀ ପାଇଁ ଏହା ସମର୍ପିତ |

# ଶ୍ଳୋକ ୨୧

ବେଦୋଽସି ଯେନ ତ୍ୱଂ ଦେବ ବେଦ ଦେବେଭ୍ୟୋ ବେଦୋଽଭବସ୍ତେନ ମହ୍ୟଂ ବେଦୋ ଭୂୟା: |

ଦେବା ଗାତୁବିଦୋ ଗାତୁଂ ବିତ୍ତ୍ୱା ଗାତୁମି॑ତ | ମନସସ୍ପତ ଇମଂ ଦେବ ଯଜ୍ଞ ੦ ସ୍ୱାହା ବାତେ ଧା: ||୨-୨୧||

# ଶବ୍ଦାର୍ଥ

ବେଦ: = (ହେ ବେଦ !) ତୁମେ ସର୍ବଜ୍ଞ, ଅସି = ଅଟ, ଯେନ = ଯେଉଁ ପ୍ରକାରେ, ତ୍ୱଂ = ତୁମେ, ଦେବ = ଦେବ, ବେଦ = ବେଦ, ଦେବେଭ୍ୟ: = ଦେବ ପାଇଁ, ବେଦ: = ଜ୍ଞାନ ପ୍ରଦାୟକ, ଅଭବ: = ହେଲା, ତେନ = ସେହିପରି, ମହ୍ୟଂ = ମୋତେ, ବେଦ: = ଜ୍ଞାନ ଦାୟୀ, ଭୂୟା: = ହୁଅ, ଦେବା: = ହେ ଦେବତାଗଣ !, ଗାତୁବିଦ: = ପଥପ୍ରଦର୍ଶକ, ଗାତୁଂ = ସତ୍ୟ-ମାର୍ଗକୁ, ବିତ୍ତ୍ୱା = ଜାଣି, ଗାତୁଂ = ସତ୍ୟ-ମାର୍ଗକୁ, ଇତ = ଯାଅ, ମନସସ୍ପତେ = ହେ ମନର ସ୍ୱାମି, ଇମଂ = ଏଇ, ଦେବ = ଦେବ, ଯଜ୍ଞଂ = ଯଜ୍ଞକୁ, ସ୍ୱାହା = ସମର୍ପଣ, ବାତେ = ଏ ବାୟୁରେ, ଧା: = ସ୍ଥାପିତ କର

# ଅନ୍ୱୟାର୍ଥ

ବେଦ: ଅସି = (ହେ ବେଦ !) ତୁମେ ସର୍ବଜ୍ଞ ଅଟ |

ବେଦ ଦେବ ଯେନ ତ୍ୱଂ ଦେବେଭ୍ୟ: ବେଦ: ଅଭବ: = ହେ ବେଦରୂପୀ ଦେବ, ଯେଉଁ ପ୍ରକାରେ ତୁମେ ଦେବ ପାଇଁ ଜ୍ଞାନ ପ୍ରଦାୟକ ହେଲା,

ତେନ ମହ୍ୟଂ ବେଦ: ଭୂୟା = ସେହିପରି ମୋପାଇଁ ଜ୍ଞାନ ଦାୟୀ ହୁଅ |

ଗାତୁବିଦ: ଦେବା: = ହେ ପଥପ୍ରଦର୍ଶକ ଦେବତାଗଣ !

ଗାତୁଂ ବିତ୍ତ୍ୱା ଗାତୁଂ ଇତ = ସତ୍ୟ-ମାର୍ଗକୁ ଜାଣି, ସତ୍ୟ-ମାର୍ଗରେ ଯାଅ |

ମନସସ୍ପତେ ଦେବ ଇମଂ ଯଜ୍ଞଂ ସ୍ୱାହା = ହେ ମନର ସ୍ୱାମି ପରମେଶ୍ୱର ! ଏଇ ଯଜ୍ଞକୁ ସମର୍ପଣ କରୁଛି |

ବାତେ ଧା: = ଏହାକୁ ବାୟୁରେ ସ୍ଥାପିତ କର |

# ଶ୍ଳୋକ ୨୨

ସଂବର୍ହିରଙ୍କ୍ତାó ହବିଷା ଘୃତେନ ସମାଦିତ୍ୟୈର୍ବସୁଭି: ସମ୍ମରୁଭି: |

ସମିନ୍ଦ୍ରୋ ବିଶ୍ୱଦେବେଭିରଙ୍କ୍ତାଂ ଦିବ୍ୟଂ ନଭୋ ଗଚ୍ଛତୁ ଯତ୍ ସ୍ୱାହା ||୨-୨୨||

# ଶବ୍ଦାର୍ଥ

ସଂ = ଭଲଭାବେ, ବର୍ହି: = କୁଶମୁଠିକୁ, ଅଂକ୍ତାଂ = ଭିଜେଇଦିଅ, ହବିଷା = ହବନର, ଘୃତେନ = ଘୃତରେ, ସଂ = ସମ୍ୟକ୍, ଆଦିତ୍ୟୈ: = ଆଦିତ୍ୟ, ବସୁଭି: = ବସୁ, ସଂ = ସମ୍ୟକ୍, ମରୁଭି: = ମରୁତ, ସଂ = ସମ୍ୟକ୍, ଇନ୍ଦ୍ର: = ଇନ୍ଦ୍ର, ବିଶ୍ୱଦେବେଭି: = ସବୁ ଦେବଙ୍କ ସହ, ଅଂକ୍ତାଂ = ଭିଜେଇଦିଅ, ଦିବ୍ୟଂ = ଦିବ୍ୟ, ନଭଃ = ଆକାଶ, ଗଚ୍ଛତୁ = (ସେଠିକୁ ଏହି ଦର୍ଭମୁଷ୍ଟି) ଯାଉ, ଯତ୍ = ଯେଉଁ, ସ୍ୱାହା = (ମୁ କୁଶମୁଷ୍ଟି) ସମର୍ପଣ କରୁଛି

# ଅନ୍ୱୟାର୍ଥ

ସଂ ଇନ୍ଦ୍ର: ସଂ ଆଦିତ୍ୟୈ: ସଂ ବସୁଭି: ସଂ ମରୁଭି: ବିଶ୍ୱଦେବେଭି: ହବିଷା ଘୃତେନ ବର୍ହି: ଅଂକ୍ତାଂ = ଇନ୍ଦ୍ର, ଆଦିତ୍ୟ, ବସୁ, ମରୁତ ଓ ସବୁ ଦେବଙ୍କ ସହ ହବନର ଘୃତରେ କୁଶମୁଠିକୁ ଭଲଭାବେ ଭିଜେଇଦିଅ |

ଯତ୍ (ଅଂକ୍ତାଂ) ଦିବ୍ୟଂ ନଭଃ ଗଚ୍ଛତୁ = ଦିବ୍ୟ ଆକାଶ ପ୍ରତି ଦର୍ଭମୁଷ୍ଟି ଯାଉ |

ସ୍ୱାହା = (ମୁ କୁଶମୁଷ୍ଟି) ସମର୍ପଣ କରୁଛି |

# ଶ୍ଳୋକ ୨୩

କସ୍ତ୍ୱା ବିମୁ॑ଞ୍ଚତି ସ ତ୍ୱା ବିମୁ॑ଞ୍ଚତି କସ୍ମୈ॑ ତ୍ୱା ବିମୁ॑ଞ୍ଚତି ତସ୍ମୈ॑ ତ୍ୱା ବିମୁ॑ଞ୍ଚତି |

ପୋଷା॑ୟ ରକ୍ଷ॑ସାଂ ଭାଗୋଽସି ||୨-୨୩||

# ଶବ୍ଦାର୍ଥ

କ: = କିଏ, ତ୍ୱା = ତୁମକୁ, ବିମୁଞ୍ଚତି = ମୁକ୍ତ କରେ, ସ: = ସେ, ତ୍ୱା = ତୁମକୁ, ବିମୁଞ୍ଚତି = ମୁକ୍ତ କରେ, କସ୍ମୈ = କାହିଁକି ତ୍ୱା = ତୁମକୁ,

ବିମୁଞ୍ଚତି = ମୁକ୍ତ କରେ, ତସ୍ମୈ = ସେଥିପାଇଁ, ତ୍ୱା = ତୁମକୁ, ବିମୁଞ୍ଚତି = ମୁକ୍ତ କରେ, ପୋଷାୟ = ପୋଷଣ ପାଇଁ, ରକ୍ଷସାଂ = ରାକ୍ଷସ ର, ଭାଗ: = ଭାଗ, ଅସି = ଅଟ

# ଅନ୍ୱୟାର୍ଥ

କ: ତ୍ୱା ବିମୁଞ୍ଚତି = କିଏ ତୁମକୁ ମୁକ୍ତ କରେ ?

ସ: ତ୍ୱା ବିମୁଞ୍ଚତି = ସେ ତୁମକୁ ମୁକ୍ତ କରେ |

କସ୍ମୈ ତ୍ୱା ବିମୁଞ୍ଚତି = କାହିଁକି ତୁମକୁ ମୁକ୍ତ କରେ ?

ତସ୍ମୈ ପୋଷାୟ ତ୍ୱା ବିମୁଞ୍ଚତି = ସେହି ପୋଷଣ ପାଇଁ ତୁମକୁ ମୁକ୍ତ କରେ |

ରକ୍ଷସାଂ ଭାଗ: ଅସି = (ତୁମେ) ରାକ୍ଷସ ର ଭାଗ ଅଟ |

# ଶ୍ଳୋକ ୨୪

ସଂ ବର୍ଚ॑ସା॒ ପୟ॑ସା॒ ସଂ ତ॒ନୂଭି॒ରଗ॑ନ୍ମହି॒ ମନ॑ସା॒ ସ ó ଶି॒ବେନ॑ |

ତ୍ୱଷ୍ଟା॑ ସୁ॒ଦତ୍ରୋ॒ ବିଦ॑ଧାତୁ॒ ରାୟୋଽନୁ॑ମାର୍ଷ୍ଟୁ ତ॒ନ୍ୱୋ ଯଦ୍ୱିଲି॑ଷ୍ଟମ୍ ||୨-୨୪||

# ଶବ୍ଦାର୍ଥ

ସଂ = ଭଲଭାବେ, ବର୍ଚସା = ତେଜସ୍ୱିତା ସହ, ପୟସା = କ୍ଷୀର ସହ, ସଂ ତନୂଭି: = ଶରୀର ସହ, ଅଗନ୍ମହି = ଯୁକ୍ତ ହୋଇଛୁ, ମନସା = ମନରେ, ସଂ = ଭଲଭାବେ, ଶିବେନ = ଶିବସଂକଳ୍ପ ଶୀଳ, ତ୍ୱଷ୍ଟା = ତ୍ୱଷ୍ଟା, ସୁଦତ୍ର: = ଉତ୍ତମ ଦାତା, ବିଦଧାତୁ = ଦିଅନ୍ତୁ, ଦିଆନ୍ତୁ, ରାୟ: = ଧନ, ଅନୁମାର୍ଷ୍ଟୁ = ଦୂର ହେଉ, ତନ୍ୱ: = ଶରୀର ରେ, ଯତ୍ = ଯହା, ବିଲିଷ୍ଟମ୍ = କମ୍ ଅଛି

# ଅନ୍ୱୟାର୍ଥ

ସଂ ବର୍ଚସା ସଂ ପୟସା ତନୂଭି: ଶିବେନ ମନସା ସଂ ଅଗନ୍ମହି = ତେଜସ୍ୱିତା ସହ, କ୍ଷୀର ସହ, ଶରୀର ସହ, ଶିବସଂକଳ୍ପ ଶୀଳ ମନ ସହ ସଂଯୁକ୍ତ ହୋଇଛୁ |

ସୁଦତ୍ର: ତ୍ୱଷ୍ଟା ରାୟ ବିଦଧାତୁ: = ଉତ୍ତମ ଦାତା ତ୍ୱଷ୍ଟା ଅନେକ ପ୍ରକାରର ଧନ ଦିଅନ୍ତୁ |

ତନ୍ୱ: ଯତ୍ ବିଲିଷ୍ଟମ୍ (ତତ୍) ଅନୁମାର୍ଷ୍ଟୁ = ଆମ ଶରୀର ରେ ଯହା କମ୍ ଅଛି ତାହା ଦୂର ହେଉ |

# ଶ୍ଳୋକ ୨୫

ଦ୍ଵିବି ବିଷ୍ଣୁର୍ବ୍ୟକ୍ରꣳସ୍ତ ଜାଗ॑ତେନ ଛନ୍ଦ॑ସା ତତୋ ନିର୍ଭ॑କ୍ତୋ ଯୋଽସ୍ମାନ୍ଦ୍ଵେଷ୍ଟି ଯଂ ଚ॑ ବୟଂ ଦ୍ଵିଷ୍ମୋ ଽନ୍ତରି॑କ୍ଷେ ବିଷ୍ଣୁର୍ବ୍ୟକ୍ରꣳସ୍ତ ତ୍ରୈଷ୍ଟୁ॑ଭେନ ଛନ୍ଦ॑ସା ତତୋ ନିର୍ଭ॑କ୍ତୋ ଯୋଽସ୍ମାନ୍ଦ୍ଵେଷ୍ଟି ଯଂ ଚ॑ ବୟଂ ଦ୍ଵିଷ୍ମୋ ପୃଥିବ୍ୟାଂ ବିଷ୍ଣୁର୍ବ୍ୟକ୍ରꣳସ୍ତ ଗାୟତ୍ରେଣ ଛନ୍ଦ॑ସା ତତୋ ନିର୍ଭ॑କ୍ତୋ ଯୋଽସ୍ମାନ୍ଦ୍ଵେଷ୍ଟି ଯଂ ଚ॑ ବୟଂ ଦ୍ଵିଷ୍ମୋ ଽସ୍ମାଦନ୍ନା॑ଦସ୍ୟୈ ପ୍ରତିଷ୍ଠାୟା ଅଗନ୍ମ ସ୍ଵ: ସଂ ଜ୍ୟୋତି॑ଷାଭୂମ ||୨-୨୫||

# ଶବ୍ଦାର୍ଥ

ଦିବି = ଦ୍ୟୁଲୋକ ଉପରେ, ବିଷ୍ଣୁ: = ବିଷ୍ଣୁ, ବ୍ୟକ୍ରଂସ୍ତ = ଆକ୍ରମଣ କଲେ, ଜାଗତେନ = ଜଗତୀ, ଛନ୍ଦସା = ଛନ୍ଦରେ, ତତ: = ସେଠାରୁ, ନିର୍ଭକ୍ତ: = ଦୂର ହୋଇଗଲେ, ଯ: = ଯେ, ଅସ୍ମାନ୍ = ଆମକୁ, ଦ୍ଵେଷ୍ଟି = ଦ୍ଵେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ଵିଷ୍ମ: = ଦ୍ଵେଷ କରୁ, ଅନ୍ତରିକ୍ଷେ = ଅନ୍ତରିକ୍ଷ ଉଓଅରେ, ବିଷ୍ଣୁ: = ବିଷ୍ଣୁ, ବ୍ୟକ୍ରଂସ୍ତ = ଆକ୍ରମଣ କଲେ, ତ୍ରୈଷ୍ଟୁଭେନ = ତ୍ରିଷ୍ଟୁଭ୍,ଛନ୍ଦସା = ଛନ୍ଦରେ, ତତ: = ସେଠାରୁ, ନିର୍ଭକ୍ତ: = ଦୂର ହୋଇଗଲେ, ଯ: = ଯେ, ଅସ୍ମାନ୍ = ଆମକୁ, ଦ୍ଵେଷ୍ଟି = ଦ୍ଵେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ଵିଷ୍ମ: = ଦ୍ଵେଷ କରୁ, ପୃଥିବ୍ୟାଂ = ପୃଥିବୀ ଉପରେ, ବିଷ୍ଣୁ: = ବିଷ୍ଣୁ, ବ୍ୟକ୍ରଂସ୍ତ = ଆକ୍ରମଣ କଲେ, ଗାୟତ୍ରେଣ = ଗାୟତ୍ରୀ, ଛନ୍ଦସା = ଛନ୍ଦରେ, ତତ: = ସେଠାରୁ, ନିର୍ଭକ୍ତ: = ଦୂର ହୋଇଗଲେ, ଯ: = ଯେ, ଅସ୍ମାନ୍ = ଆମକୁ, ଦ୍ଵେଷ୍ଟି = ଦ୍ଵେଷ କରେ, ଯଂ = ଯାହାକୁ, ଚ = ଓ, ବୟଂ = ଆମେ, ଦ୍ଵିଷ୍ମ: = ଦ୍ଵେଷ କରୁ, ଅସ୍ମାତ୍ = ଏହି, ଅନ୍ନାତ୍ = ଅନ୍ନ, ଅସ୍ୟୈ = ଏହି, ପ୍ରତିଷ୍ଠାୟୈ = ପ୍ରତିଷ୍ଠା ସ୍ଥାନରୁ, ଅଗନ୍ମ = ଲାଭ କଲୁ, ସ୍ଵ: = ସ୍ଵର୍ଗଧାମ, ସଂ = ସହ, ଜ୍ୟୋତିଷା = ତେଜ, ଅଭୂମ = ଏକାକାର ହୋଇଗଲେ

# ଅନ୍ଵୟାର୍ଥ

ବିଷ୍ଣୁ: ଜାଗତେନ ଛନ୍ଦସା ଦିବି ବ୍ୟକ୍ରଂସ୍ତ = ବିଷ୍ଣୁ ଜଗତୀ ଛନ୍ଦରେ ଦ୍ୟୁଲୋକ ଉପରେ ଆକ୍ରମଣ କଲେ |

ଯ: ଅସ୍ମାନ୍ ଦ୍ଵେଷ୍ଟି ଯଂ ଚ ବୟଂ ଦ୍ଵିଷ୍ମ: ତତ: (ତଂ) ନିର୍ଭକ୍ତ: = ଯେ ଆମକୁ ଦ୍ଵେଷ କରେ ଓ ଯାହାକୁ ଆମେ ଦ୍ଵେଷ କରୁ, ସେଠାରୁ (ତାକୁ) ଦୂର କରି ଦିଆ ଗଲା |

ବିଷ୍ଣୁ: ତ୍ରୈଷ୍ଟୁଭେନ ଛନ୍ଦସା ଦିବି ବ୍ୟକ୍ରଂସ୍ତ = ବିଷ୍ଣୁ ତ୍ରିଷ୍ଟୁଭ୍ ଛନ୍ଦରେ ଦ୍ୟୁଲୋକ ଉପରେ ଆକ୍ରମଣ କଲେ |

ଯ: ଅସ୍ମାନ୍ ଦ୍ଵେଷ୍ଟି ଯଂ ଚ ବୟଂ ଦ୍ଵିଷ୍ମ: ତତ: (ତଂ) ନିର୍ଭକ୍ତ: = ଯେ ଆମକୁ ଦ୍ଵେଷ କରେ ଓ ଯାହାକୁ ଆମେ ଦ୍ଵେଷ କରୁ, ସେଠାରୁ (ତାକୁ) ଦୂର କରି ଦିଆ ଗଲା |

ବିଷ୍ଣୁ: ଗାୟତ୍ରେଣ ଛନ୍ଦସା ଦିବି ବ୍ୟକ୍ରଂସ୍ତ = ବିଷ୍ଣୁ ଗାୟତ୍ରୀ ଛନ୍ଦରେ ଦ୍ୟୁଲୋକ ଉପରେ ଆକ୍ରମଣ କଲେ |

ଯ: ଅସ୍ମାନ୍ ଦ୍ଵେଷ୍ଟି ଯଂ ଚ ବୟଂ ଦ୍ଵିଷ୍ମ: ତତ: (ତଂ) ନିର୍ଭକ୍ତ: = ଯେ ଆମକୁ ଦ୍ଵେଷ କରେ ଓ ଯାହାକୁ ଆମେ ଦ୍ଵେଷ କରୁ, ସେଠାରୁ (ତାକୁ) ଦୂର କରି ଦିଆ ଗଲା |

ଅସ୍ମାତ୍ ଅନ୍ନାତ୍ ଅସ୍ୟୈ ପ୍ରତିଷ୍ଠାୟୈ = ଏହି ଅନ୍ନ ସ୍ଥାନରୁ ତଥା ଏହି ପ୍ରତିଷ୍ଠା ସ୍ଥାନରୁ ବି ସେହି ଶତ୍ରୁକୁ ନିଷ୍କାସିତ କରି ଦିଆ ଯାଇଛି |

ସ୍ୱ: ଅଗନ୍ମ = ଆମେ ସ୍ୱର୍ଗଧାମ ଲାଭ କଲୁ |

ଜ୍ୟୋତିଷା ସଂ ଅଭୂମ = ତେଜ ସହ (ଆମେ) ଏକାକାର ହୋଇଗଲୁ |

# ଶ୍ଳୋକ ୨୬

ସ୍ୱୟଂଭୂରସି ଶ୍ରେଷ୍ଠୋ ରଶ୍ମିର୍ବର୍ଚୋଦା ଅସି ବର୍ଚୋ ମେ ଦେହି |

ସୂର୍ଯ୍ୟସ୍ୟାବୃତମନ୍ୱାବର୍ତେ || ୨-୨୬||

# ଶବ୍ଦାର୍ଥ

ସ୍ୱୟଂଭୂ: = ସ୍ୱୟଂଭୂ, ଅସି = ଅଟ, ଶ୍ରେଷ୍ଠ: = ପରମୋତ୍ତମ, ରଶ୍ମି: = ପ୍ରକାଶ ଓ ତେଜ ର କିରଣ, ବର୍ଚୋଦା = ତେଜପ୍ରଦାୟକ, ଅସି = ଅଟ, ବର୍ଚ: = ତେଜ, ମେ = ମୋତେ, ଦେହି = ଦିଅ, ସୂର୍ଯ୍ୟସ୍ୟ = ସୂର୍ଯ୍ୟର, ଆବୃତଂ = ପ୍ରଦକ୍ଷିଣା ଅନୁସାରେ, ଅନୁ ଆବର୍ତେ = ମୁଁ ପ୍ରଦକ୍ଷିଣା କରୁଛି

# ଅନ୍ୱୟାର୍ଥ

ସ୍ୱୟଂଭୂ: ଶ୍ରେଷ୍ଠ: ରଶ୍ମି: ଅସି = (ତୁମେ) ସ୍ୱୟଂଭୂ, ପରମୋତ୍ତମ, ପ୍ରକାଶ ଓ ତେଜ ର କିରଣ ଅଟ |

ବର୍ଚୋଦା ଅସି ବର୍ଚ: ମେ ଦେହି = (ତୁମେ) ତେଜପ୍ରଦାୟକ ଅଟ, ମୋତେ ଶକ୍ତି ଦିଅ

ସୂର୍ଯ୍ୟସ୍ୟ ଆବୃତଂ ଅନୁ ଆବର୍ତେ = ସୂର୍ଯ୍ୟର ପ୍ରଦକ୍ଷିଣା ଅନୁସାରେ ମୁଁ ପ୍ରଦକ୍ଷିଣା କରୁଛି |

# ଶ୍ଳୋକ ୨୭

ଅଗ୍ନେ॑ ଗୃହପତେ ସୁଗୃହପ୍ର॒ତିସ୍ତ୍ୱୟା॑ଽଗ୍ନେ॒ଽହଂ ଗୃ॒ହପ॑ତିନା ଭୂୟାସ ó ସୁଗୃହପ୍ର॒ତିସ୍ତ୍ୱଂ ମୟା॑ଽଗ୍ନେ ଗୃ॒ହପ॑ତିନା ଭୂୟା: |

ଅ॒ସ୍ଥୁରି ଣୌ॒  ଗାର୍ହ॑ପତ୍ୟାନି ସନ୍ତୁ ଶ॒ତ ó ହି॒ମା: ସୂର୍ଯ୍ୟସ୍ୟା॒ବୃତ॒ମନ୍ୱାବ॑ର୍ତେ ||୨-୨୭||

# ଶବ୍ଦାର୍ଥ

ଅଗ୍ନେ = ଅଗ୍ନି !, ଗୃହପତେ = ହେ ଗୃହର ପାଳକ, ସୁଗୃହପତି: = ଉତ୍ତମ ଗୃହପତି, ତ୍ୱୟା = ତୁମ ଦ୍ୱାରା, ଅଗ୍ନେ = ହେ ଅଗ୍ନି !, ଅହଂ = ମୁ, ଗୃହପତିନା = ଗୃହପତି ସହ, ଭୂୟାସଂ = ହୋଇଯାଉଁ, ସୁଗୃହପତି: = ଉତ୍ତମ ଗୃହପତି, ତ୍ୱଂ = ତୁମେ, ମୟା = ମୋ ପରି, ଅଗ୍ନେ = ହେ ଅଗ୍ନି ! ଗୃହପତିନା = ଗୃହରକ୍ଷକ ର ଉପାସନା ରେ ତୁମେ, ଭୂୟା: = ହୁଅ, ଅସ୍ଥୂରି = ନିରନ୍ତର ନିର୍ବିଘ୍ନ (ଗୋଟିଏ ବଳଦ ଦ୍ୱାରା ଟଣା ଯିବା ଗାଡିକୁ "ସ୍ଥୂରି" ଓ ଦୁଇଟି ବଳଦ ଦ୍ୱାରା ଟଣା ଯିବା ଗାଡି କୁ "ଅସ୍ଥୂରି" କୁହାଯାଏ), ନୌ = ଆମ (ଦମ୍ପତି) ର, ଗାର୍ହପତ୍ୟାନି = ଗାର୍ହପତ୍ୟ ଧର୍ମ, ସନ୍ତୁ = ରହୁ, ଶତଂ = ଶହେ, ହିମା: = ବର୍ଷ, ସୂର୍ଯ୍ୟସ୍ୟ = ସୂର୍ଯ୍ୟର, ଆବୃତଂ = ପ୍ରଦକ୍ଷିଣା ଅନୁସାରେ, ଅନୁ ଆବର୍ତେ = ମୁଁ ପ୍ରଦକ୍ଷିଣା କରୁଛି

## ଅନ୍ୱୟାର୍ଥ

ଗୃହପତେ ଅଗ୍ନେ = ହେ ଗୃହର ପାଳକ ଅଗ୍ନି !

ତ୍ୱୟା ଗୃହପତିନା ଅହଂ ସୁଗୃହପତି: ଭୂୟାସଂ = ତୁମ ଭଳି ଦ୍ୱାରା ଗୃହପତି ସହ ରହି ମୁଁ ଉତ୍ତମ ଗୃହପତି ହୋଇଯାଉଁ |

ଅଗ୍ନେ ମୟା ଗୃହପତିନା ତ୍ୱଂ ସୁଗୃହପତି: ଭୂୟା: = ହେ ଅଗ୍ନି ! ମୋ ଭଳି ଗୃହରକ୍ଷକ ର ଉପାସନା ରେ ତୁମେ ଉତ୍ତମ ଗୃହପତି ହୁଅ |

ଅଗ୍ନେ = ହେ ଅଗ୍ନି !

ନୌ ଗାର୍ହପତ୍ୟାନି ଶତଂ ହିମା: ଅସ୍ଥୂରି ସନ୍ତୁ = ଆମ (ଦମ୍ପତି) ର ଗାର୍ହପତ୍ୟ ଧର୍ମ ଶହେ ବର୍ଷ ଯାଏଁ ନିରନ୍ତର ନିର୍ବିଘ୍ନ ରହୁ |

ସୂର୍ଯ୍ୟସ୍ୟ ଆବୃତଂ ଅନୁ ଆବର୍ତେ = ସୂର୍ଯ୍ୟର ପ୍ରଦକ୍ଷିଣା ଅନୁସାରେ ମୁଁ ପ୍ରଦକ୍ଷିଣା କରୁଛି |

## ଶ୍ଲୋକ ୨୮

ଅଗ୍ନେ॑ ବ୍ରତପତେ ବ୍ର॒ତମ॑ଚାରିଷ॒ଂ ତଦ॑ଶକ॒ଂ ତନ୍ମେ॑ଽରାଧି॒ଦମ॒ହଂ ଯ ଏ॒ବାସ୍ମି॒ ସୋ॒ଽସ୍ମି ||୨-୨୮||

## ଶବ୍ଦାର୍ଥ

ଅଗ୍ନେ = ହେ ଅଗ୍ନିଦେବ !, ବ୍ରତପତେ = ବ୍ରତପାଳନ କରୁଥିବା, ବ୍ରତଂ = ବ୍ରତ, ଅଚାରିଷଂ = ପାଳନ କରିଛି, ତତ୍ = ତାହା ଫଳରେ (ତୁମ କୃପାରେ) ଅଶକଂ = ସକ୍ଷମ ହୋଇ ପାରିଛି, ତତ୍ = ସେହି (ବ୍ରତାନୁଷ୍ଠାନ), ମେ = ମୋର, ଅରାଧି = ସିଦ୍ଧ ହୋଇ ପାରିଛି, ଇଦଂ = ଏହି (କର୍ମ କରିବା ପରେ), ଅହଂ = ମୁଁ, ଯ: = ଜାହା, ଏବ = ହିଁ, ଅସ୍ମି = ଅଛି, ସ: = ସେଇୟା, ଅସ୍ମି = ଅଛି

## ଅନ୍ୱୟାର୍ଥ

ବ୍ରତପତେ ଅଗ୍ନେ = ବ୍ରତ-ପାଳନ =କର୍ତା ହେ ଅଗ୍ନିଦେବ !

ଅହଂ ବ୍ରତଂ ଅଚାରିଷଂ ତତ୍ ଅଶକଂ = ମୁଁ ବ୍ରତ ପାଳନ କରିବା ଫଳରେ ଫଳରେ (ତୁମ କୃପାରେ) ସକ୍ଷମ ହୋଇ ପାରିଛି ଓ

ତତ୍ ମେ ଅରାଧି = ମୋର ସେହି (ବ୍ରତାନୁଷ୍ଠାନ) ସିଦ୍ଧ ହୋଇ ପାରିଛି |

ଇଦଂ ଯ: ଅସ୍ମି ସ: ଏବ ଅସ୍ମି = ଏହି (କର୍ମ କରିବା ପରେ) ମୁଁ ଜାହାଥିଲି ସେଇୟା ହିଁ ଏବେ ଅଛି |

# ଶ୍ଳୋକ ୨୯

ଅଗ୍ନୟେ କବ୍ୟବାହନାୟ ସ୍ୱାହା ସୋମାୟ ପିତୃମତେ ସ୍ୱାହା |

ଅପହତା ଅସୁରା ରକ୍ଷାଂସି ବେଦିଷଦ: ||୨-୨୯||

# ଶବ୍ଦାର୍ଥ

ଅଗ୍ନୟେ = ଅଗ୍ନିଙ୍କ ପାଇଁ, କବ୍ୟବାହନାୟ = ପିତରଙ୍କ ପାଇଁ ଦତ୍ତ ଅନ୍ନକୁ ନେଇଯାଉଥିବା, ସ୍ୱାହା = ଆହୁତି ସମର୍ପିତ, ସୋମାୟ = ସୋମଙ୍କ ପାଇଁ, ପିତୃମତେ = ପିତରଙ୍କ ସହ ରହୁଥିବା, ସ୍ୱାହା = ଆହୁତି ସମର୍ପିତ, ଅପହତା: = ନାଶ ହେଲେ, ଅସୁରା: = ଅସୁର, ରକ୍ଷାଂଷି = ରାକ୍ଷସ, ବେଦିଷଦ: = ଯଜ୍ଞେଦି ପାଖକୁ ଆସିଥିବା

# ଅନ୍ୱୟାର୍ଥ

କବ୍ୟବାହନାୟ ଅଗ୍ନୟେ ସ୍ୱାହା = ପିତରଙ୍କ ପାଇଁ ଦତ୍ତ ଅନ୍ନକୁ ନେଇଯାଉଥିବା ଅଗ୍ନିଙ୍କ ପାଇଁ ଏହି ଆହୁତି ସମର୍ପିତ |

ପିତୃମତେ ସୋମାୟ ସ୍ୱାହା = ପିତରଙ୍କ ସହ ରହୁଥିବା ସୋମଙ୍କ ପାଇଁ ଏହି ଆହୁତି ସମର୍ପିତ |

ବେଦିଷଦ: ଅସୁରା: ରକ୍ଷାଂଷି = ଯଜ୍ଞେଦି ପାଖକୁ ଆସିଥିବାଅପହତା ଅସୁର ଓ ରାକ୍ଷସ ନାଶ ହେଲେ |

# ଶ୍ଳୋକ ୩୦

ଯେ ରୂପାଣି ପ୍ରତିମୁଞ୍ଚମାନା ଅସୁରା: ସନ୍ତ: ସ୍ୱଧୟା ଚରନ୍ତି |

ପରାପୁରୋ ନିପୁରୋ ଯେ ଭରନ୍ତ୍ୟଗ୍ନିଷ୍ଟାଁଲ୍ଲୋକାତ୍ପ୍ରଣୁଦାତ୍ୟସ୍ମାତ୍ ||୨-୩୦||

## ଶବ୍ଦାର୍ଥ

ଯେ = ଯେଉଁ, ରୂପାଣି = ରୂପକୁ, ପ୍ରତିମୁଞ୍ଚମାନ: = ବଦଳାଇ, ଅସୁରା: = ଅସୁର, ସନ୍ତ: = ଦେଇ, ସ୍ୱଧୟା = ପିତରଙ୍କୁ ଦିଆଯାଇଥିବା ଅନ୍ନକୁ, ଚରନ୍ତି = )ଛଳରେ ତାହାଙ୍କ ରୂପ ଧାରଣ କରି ଭକ୍ଷଣ କରି) ବିଚରଣ କରନ୍ତି, ପରାପୁରା: = ପୃଥୁଳକାୟ (ମୋଟାସୋଟା), ନିପୁର: = ଦୁର୍ବଳ, ଯେ = ଯେ, ଭରନ୍ତି = ବ୍ୟବହାର କରନ୍ତି, ଅଗ୍ନି: = ଅଗ୍ନି, ତାନ୍ = ସେମାନଙ୍କୁ, ଲୋକାତ୍ = ସ୍ଥାନରୁ, ପ୍ରଣୁଦାତି = ବାହାର କରି ଦିଅନ୍ତୁ, ଅସ୍ମାତ୍ = ଆମର

## ଅନ୍ୱୟାର୍ଥ

ଯେ ଅସୁରା: ରୂପାଣି ପ୍ରତିମୁଞ୍ଚମାନ: ସନ୍ତ: ସ୍ୱଧୟା ଚରନ୍ତି = ଯେଉଁ ଅସୁର ରୂପକୁ ବଦଳାଇ ଦେଇ ପିତରଙ୍କୁ ଦିଆଯାଇଥିବା ଅନ୍ନକୁ (ଛଳରେ ତାହାଙ୍କ ରୂପ ଧାରଣ କରି ଭକ୍ଷଣ କରି) ବିଚରଣ କରନ୍ତି,

ଯେ ପରାପୁରା: ନିପୁର: ଭରନ୍ତି = ଯେମାନେ ପୃଥୁଳକାୟ (ମୋଟାସୋଟା) ହୋଇ ବି ଦୁର୍ବଳ ପରି ବ୍ୟବହାର କରନ୍ତି,

ତାନ୍ ଅଗ୍ନି: ଅସ୍ମାତ୍ ଲୋକାତ୍ ପ୍ରଣୁଦାତି = ସେମାନଙ୍କୁ ଅଗ୍ନି ଆମର ସ୍ଥାନରୁ ବାହାର କରି ଦିଅନ୍ତୁ |

## ଶ୍ଲୋକ ୩୧

ଅତ୍ର ପିତରୋ ମାଦୟଧ୍ୱଂ ଯଥାଭଗମାବୃଷାୟଧଅମ୍ |

ଅମୀମଦନ୍ତ ପିତରୋ ଯଥାଭଗମାବୃଷାୟିଷତ ||୨-୩୧||

## ଶବ୍ଦାର୍ଥ

ଅତ୍ର = ଏଠି, ପିତର: = ହେ ପିତର !, ମାଦୟଧ୍ୱଂ = ପରମ ଆନନ୍ଦ ପ୍ରାପ୍ତ କର, ଯଥାଭଗଂ = ଯଥା ଭାଗ ଅନ୍ନ ପ୍ରାପ୍ତ କରି, ଆ = (ଉପସର୍ଗ), ବୃଷାୟଧଅମ୍ = ବୃଷଭ ପରି ବଳଶାଳୀ ହୁଅ, ଅମୀମଦନ୍ତ = ଆନନ୍ଦିତ ହେଲେ, ପିତର: = ପିତର ଗଣ, ଯଥାଭଗଂ = ଯଥା ଭାଗ ଅନ୍ନ ପ୍ରାପ୍ତ କରି, ଆ = (ଉପସର୍ଗ), ବୃଷାୟିଷତ = ବୃଷଭ ପରି ବଳଶାଳୀ ହେଲେ

## ଅନ୍ୱୟାର୍ଥ

ପିତର: = ହେ ପିତର !

ଅତ୍ର ମାଦୟଧ୍ୱଂ = ଏଠି ପରମ ଆନନ୍ଦ ପ୍ରାପ୍ତ କର |

ଯଥାଭଗଂ ଆବୃଷାୟଧଅମ୍ = ଯଥା ଭାଗ ଅନ୍ନ ପ୍ରାପ୍ତ କରି ବୃଷଭ ପରି ବଳଶାଳୀ ହୁଅ |

ପିତର: ଅମୀମଦନ୍ତ = ପିତର ଗଣ ଆନନ୍ଦିତ ହେଲେ |

ଯଥାଭଗଂ ଆବୃଷାୟିଷତ = ଯଥା ଭାଗ ଅନ୍ନ ପ୍ରାପ୍ତ କରି ବୃଷଭ ପରି ବଳଶାଳୀ ହେଲେ |

# ଶ୍ଳୋକ ୩୨

ନମୋ॑ ବ: ପିତରୋ ରସା॑ୟ ନମୋ॑ ବ: ପିତରୋ ଶୋଷା॑ୟ ନମୋ॑ ବ: ପିତରୋ ଜୀବାୟ ନମୋ॑ ବ: ପିତର: ସ୍ୱଧଆୟୈ ନମୋ॑ ବ: ପିତରୋ ଘୋରାୟ ନମୋ॑ ବ: ପିତରୋ ମନ୍ୟବେ ନମୋ॑ ବ: ପିତର: ପିତ॑ରୋ ନମୋ॑ ବୋ ଗୃହାନ୍ନ॑: ପିତରୋ ଦତ୍ତ ସତୋ ବ॑: ପିତରୋ ଦେଷ୍ମୈତଦ୍ୱ॑: ପିତରୋ ବାସ ଆଧା॑ତ୍ତ ||୨-୩୨||

# ଶବ୍ଦାର୍ଥ

ନମ: = ନମସ୍କାର, ବ: = ତୁମର, ପିତର: = ହେ ପିତର !, ରସାୟ = ରସକୁ, ନମ: = ନମସ୍କାର, ବ: = ତୁମର, ପିତର: = ହେ ପିତର !, ଶୋଷାୟ = ଶୁଷ୍କତା କୁ, ନମ: = ନମସ୍କାର, ବ: = ତୁମର, ପିତର: = ହେ ପିତର !, ଜୀବାୟ = ଜୀବନକୁ, ନମ: = ନମସ୍କାର, ବ: = ତୁମର, ପିତର: = ହେ ପିତର !, ସ୍ୱଧାୟୈ = ସ୍ୱଧାକୁ, ନମ: = ନମସ୍କାର, ବ: = ତୁମର, ପିତର: = ହେ ପିତର !, ଘୋରାୟ = ଘୋର ସ୍ଥିତି, ନମ: = ନମସ୍କାର, ବ: = ତୁମର, ପିତର: = ହେ ପିତର !, ମନ୍ୟବେ = ଉତ୍ସାହ ଓ କ୍ରୋଧ, ନମ: = ନମସ୍କାର, ବ: = ତୁମର, ପିତର: = ହେ ପିତର !, ପିତର: = ହେ ପିତର !, ନମ: = ନସ୍କାର, ବ: = ତୁମକୁ, ଗୃହାନ୍ = ଘର ଓ ପୁତ୍ର, ନ: = ଆମକୁ, ପିତର: = ହେ ପିତର, ଦତ୍ତ = ଦିଅ, ସତ: = ପାଖରେ ଥିବା ଲୋକଙ୍କୁ, ବ: = ତୁମକୁ, ପିତର: = ହେ ପିତର !, ଦେଷ୍ମ = ଦେଉଛୁ, ଏତତ୍ = ଏହା, ବ: = ତୁମର, ପିତର: = ହେ ପିତର !, ବାସ: = ବସ୍ତ୍ର, ଆ ଧତ୍ତ = ଅର୍ପଣ କରୁଛୁ

(ରସ, ଶୋଷ, ଜୀବ, ସ୍ୱଧା, ଘୋର ଓ ମନ୍ୟୁ ଯଥାକ୍ରମେ ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ, ହେମନ୍ତ ଓ ଶୀତ ର ପ୍ରତୀକ | )

# ଅନ୍ୱୟାର୍ଥ

ପିତର: ବ: ରସାୟ ନମ: = ହେ ପିତର ! ତୁମର ରସକୁ ନମସ୍କାର |

ପିତର: ବ: ଶୋଷାୟ ନମ: = ହେ ପିତର ! ତୁମର ଶୁଷ୍କତା କୁ ନମସ୍କାର |

ପିତର: ବ: ଜୀବାୟ ନମ: = ହେ ପିତର ! ତୁମର ଜୀବନିଶକ୍ତିକୁ ନମସ୍କାର |

ପିତର: ବ: ସ୍ୱଧାୟୈ ନମ: = ହେ ପିତର ! ତୁମର ସ୍ୱଧାକୁ ନମସ୍କାର |

ପିତର: ବ: ଘୋରାୟ ନମ: = ହେ ପିତର ! ତୁମର ଘୋର ସ୍ଥିତି ନମସ୍କାର |

ପିତର: ବ: ମନ୍ୟବେ ନମ: = ହେ ପିତର ! ତୁମର ଉତ୍ସାହ ଓ କ୍ରୋଧ ନମସ୍କାର |

ପିତର ! ବ: ନମ: = ହେ ପିତର ! ତୁମକୁ ନସ୍କାର |

ପିତର: ଗୃହାନ୍ ଦତ୍ତ = ହେ ପିତର ! ଆମକୁ ଘର ଓ ପୁତ୍ର ଦିଅ |

ପିତର: ବ: ସତ: ଦେଷ୍ମ = ହେ ପିତର ! ଆମେ ତୁମକୁ ପାଖରେ ଥିବା ଲୋକଙ୍କୁ ପ୍ରଦାନ କରୁଛୁ |

ପିତର: ବ: ଏତତ୍ ବାସ: ଆ ଧତ୍ତ = ହେ ପିତର !ଏହି ବସ୍ତ୍ର ତୁମର ପାଇଁ ଅର୍ପଣ କରୁଛୁ |

# ଶ୍ଳୋକ ୩୩

ଆଧା॑ତ୍ତ ପିତରୋ  ଗର୍ଭଂ॑ କୁମାରଂ ପୁଷ୍କ॑ରସ୍ରଜମ୍ | ଯଥେହ ପୁରୁଷୋଽସ॑ତ୍ ||୨-୩୩||

# ଶବ୍ଦାର୍ଥ

ଆଧତ୍ତ = ସ୍ଥାପିତ କର, ପିତର: = ହେ ପିତର !, ଗର୍ଭଂ = ଗର୍ଭରେ, କୁମାରଂ = କୁମାରଙ୍କୁ, ପୁଷ୍କରସ୍ରଜମ୍ = (ସେହିପ୍ରକାର) ପଦ୍ମଫୁଲର ମାଳା ଧାରଣ କରି, ଯଥା = ଯେଉଁ ପ୍ରକାର, ଇହ = ଏଠାରେ, ପୁରୁଷ: = ବୀର ପୁରୁଷ, ଅସତ୍ = ଥାଆନ୍ତି

# ଅନ୍ୱୟାର୍ଥ

ପିତର: = ହେ ପିତର !

ଯଥା ଇହ ପୁରୁଷ: ଅସତ୍ = ଯେଉଁ ପ୍ରକାର ଏଠାରେ ବୀର ପୁରୁଷ ଅଛନ୍ତି,

ପୁଷ୍କରସ୍ରଜମ୍ କୁମାରଂ ଗର୍ଭଂ ଆଧତ୍ତ = (ସେହିପ୍ରକାର) ପଦ୍ମଫୁଲର ମାଳା ଧାରଣ କରି କୁମାରଙ୍କୁ ଗର୍ଭରେ ସ୍ଥାପିତ କର |

# ଶ୍ଳୋକ ୩୪

ଊର୍ଜଂ ବହନ୍ତିରମୃତଂ ଘୃତଂ ପୟ: କୀଲାଳଂ ପରିସ୍ରୁତମ୍ |

ସ୍ୱଧା ସ୍ଥ ତର୍ପୟତ ମେ ପିତରନ୍ ||୨-୩୪||

## ଶବ୍ଦାର୍ଥ

ଊର୍ଜଂ = ଅନ୍ନ , ବହନ୍ତିଃ = ବାହକ, ଅମୃତଂ = ଅମରତ୍ୱ ଗୁଣରେ ମଣ୍ଡିତ (ତୁମେ), ଘୃତଂ = ଘୃତ, ପୟଃ = କ୍ଷୀର, କୀଲାଳଂ = ଉତ୍ତମ ପାନୀୟ, ପରିସ୍ରୁତମ୍ = ରସ, ସ୍ୱଧା = (ସ୍ୱ + ଧା) ନିଜର (ଦେହର ତଥା ଆତ୍ମାର) ଧାରକ ଶକ୍ତି ବଢାଏ ଯେ, ସ୍ଥ = ଅଟ, ତର୍ପୟତ = ତୃପ୍ତି ପ୍ରଦାନ କର, ମେ = ମୋର, ପିତରନ୍ = ପିତରମାନଙ୍କୁ

## ଅନ୍ୱୟାର୍ଥ

ଊର୍ଜଂ ଘୃତଂ ପୟଃ ପରିସ୍ରୁତମ୍ ବହନ୍ତିଃ = ଅନ୍ନ, ଘୃତ, କ୍ଷୀର ତଥା ରସ ର ବାହକ (ତୁମେ ଅଟ) |

ଅମୃତଂ କୀଲାଳଂ = ଅମରତ୍ୱ ଗୁଣରେ ମଣ୍ଡିତ (ତୁମେ) ଉତ୍ତମ ପାନୀୟ ଗ୍ରହଣ କରିବା ଯୋଗ୍ୟ ଅଟ |

ସ୍ୱଧା ସ୍ଥ = (ସ୍ୱ + ଧା) ନିଜର (ଦେହର ତଥା ଆତ୍ମାର) ଧାରକ ଶକ୍ତି ବର୍ଦ୍ଧନ ର କାରଣ ତୁମେ ଅଟ |

ମେ ପିତରନ୍ ତର୍ପୟତ = ମୋର ପିତରମାନଙ୍କୁ ତୃପ୍ତି ପ୍ରଦାନ କର |

## ଶ୍ଳୋକ ୩୫

## ଶବ୍ଦାର୍ଥ

## ଅନ୍ୱୟାର୍ଥ

## ଶ୍ଳୋକ

<u>ଶବ୍ଦାର୍ଥ</u>

<u>ଅନ୍ୱୟାର୍ଥ</u>

<u>ଶ୍ଳୋକ</u>

<u>ଶବ୍ଦାର୍ଥ</u>

<u>ଅନ୍ୱୟାର୍ଥ</u>

<u>ଶ୍ଳୋକ</u>

<u>ଶବ୍ଦାର୍ଥ</u>

ଅନ୍ୱୟାର୍ଥ

ଶ୍ଳୋକ

ଶବ୍ଦାର୍ଥ

ଅନ୍ୱୟାର୍ଥ

ଶ୍ଳୋକ

ଶବ୍ଦାର୍ଥ

ଅନ୍ୱୟାର୍ଥ

ଶ୍ଲୋକ

ଶବ୍ଦାର୍ଥ

ଅନ୍ୱୟାର୍ଥ